ସାପ୍ତାହିକ
Postal Regd. No.: SBP/RN-01/2022-2024
ସ୍ୱୀକାର
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ୰ ଶରତ ନାରାୟଣ ବେହେରା
RNI No. 66443/94
Vol.28 | Issue - 25 | 23 - 29 June 2024 | Sambalpur | Pages- 8 | Invitation Price Rs.10

# ମୁଖ୍ୟମନ୍ତ୍ରୀ ଲୋକଙ୍କ ହୃଦୟ ଜିତିଲେ






ବରଗଡ଼ : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବରଗଡ଼ରେ ପିଏମ କିଷାନ ସମ୍ମାନ ନିମ୍ କାର୍ଯ୍ୟକ୍ରମରେ ଯୋଗ ଦେବା ପରେ ବରଗଡ଼ ସର୍କିଟ ହାଉସରେ ସାଧାରଣ ଲୋକଙ୍କ ସହିତ ମିଶି ସେମାନଙ୍କ ଅଭିଯୋଗ ପତ୍ର ଗ୍ରହଣ କରି ଲୋକଙ୍କୁ ଆଶ୍ୱାସନା ଦେଇଛନ୍ତି ।

ବିଭିନ୍ନ ସ୍ଥାନୀୟ କୃଷକ ସଂଗଠନ, ସାମାଜିକ ସଂଗଠନର ପ୍ରତିନିଧିମାନଙ୍କ ସହିତ ମିଶି ସେମାନଙ୍କ ସମସ୍ୟା ଶୁଣିଛନ୍ତି । ମୁଖ୍ୟମନ୍ତ୍ରୀଙ୍କୁ ଫୁଲତୋଡ଼ା ଦେଇ ବହୁ ଅନୁଷ୍ଠାନ ସମ୍ବର୍ଦ୍ଧିତ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ବରଗଡ଼ ଗସ୍ତ ସମୟରେ ଜିଲ୍ଲାରେ ଲୋକଙ୍କ ଭିତରେ ବ୍ୟାପକ ଉତ୍ସାହ ଦେଖିବାକୁ ମିଳିଥିଲା ।

ମୁଖ୍ୟମନ୍ତ୍ରୀ ବରଗଡ଼ରେ ପହଞ୍ଚିବା ପରେ ହଜାର ହଜାର ଲୋକଙ୍କ ଗହଣରେ ଏକ ରୋଡ଼ ଶୋ'ରେ ଯାଇ କାର୍ଯ୍ୟକ୍ରମ ସ୍ଥଳରେ ପହଞ୍ଚିଥିଲେ । ରାସ୍ତାରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ରାସ୍ତା ସାରା ଲୋକଙ୍କୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ହାତ ହଲାଇ ଶୁଭେଚ୍ଛା ଜଣାଇଥିଲେ । ଲୋକମାନେ ରାସ୍ତା କଡ଼ରେ ଠିଆ ହୋଇ ମୁଖ୍ୟମନ୍ତ୍ରୀଙ୍କ ଫଟୋ ଥିବା ପ୍ଲାକାର୍ଡ ଧରି ତାଙ୍କୁ ସ୍ୱାଗତ ଜଣାଇଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ପ୍ରଧାନ ମନ୍ତ୍ରୀ କିଶାନ ସମ୍ମାନ ନିଧି ଯୋଜନାରେ ଓଡ଼ିଶାର ୩୧.୬୨ ଲକ୍ଷ ଚାଷୀଙ୍କୁ ୬୩୨.୪ କୋଟି ଟଙ୍କା ପଠାଇଥିଲେ । ପ୍ରତ୍ୟେକ ଚାଷୀଙ୍କ ବ୍ୟାଙ୍କ ଏକାଉଣ୍ଟକୁ ୨ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି ।



କୃଷକ ମାନଙ୍କ କାର୍ଯ୍ୟକ୍ରମକୁ ଯିବା ବେଳେ ଯେଉଁ ଭଳି ଭାବେ ବିଶାଳ ଜନ ସମୁଦ୍ର ତାଙ୍କୁ ସ୍ୱାଗତ କରିଥିଲେ ସେଥିରୁ ଜଣାଯାଉଛି ଯେ, ମୁଖ୍ୟମନ୍ତ୍ରୀ ଲୋକଙ୍କ ହୃଦୟ ଜିତିଛନ୍ତି । ସଭାରେ ମଧ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଲୋକଙ୍କ ସରକାର ଲୋକଙ୍କୁ ଭେଟିବେ, ଲୋକଙ୍କ ମତାମତକୁ ନେଇ କାର୍ଯ୍ୟକ୍ରମ ଗ୍ରହଣ କରିବେ ।

କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ସାଂସଦ ପ୍ରଦୀପ ପୁରୋହିତ, ବିଧାୟକ ସନତ ଗଡ଼ତିଆ, ଅଶ୍ୱିନୀ ଷଡ଼ଙ୍ଗୀ, ନିହାର ମହାନନ୍ଦ ଓ ଇରାଶିଷ ଆଚାର୍ଯ୍ୟଙ୍କ ସମେତ ଦଳର ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କେତେକ ଚାଷୀଙ୍କୁ ସମ୍ମାନିତ କରିଥିଲେ ।







## ଏ ସଂଖ୍ୟାରେ..


ହଳଦୀ ପାଣିର ଔଷଧୀୟ ଗୁଣ


ଗେଣ୍ଡୁଫୁଲର ଲାଭକାରୀ ଗୁଣ


ଔଷଧରେ ଭରପୁର ମେଥି


ଲାଭକାରୀ ଲାଉ


ସୋରିଷ ତେଲ ମାଲିସର ଉପକାରିତା


ବାଦାମର ଉପକାରିତା

# ୧୦ ବର୍ଷ ତଳେ ଶିଳାନ୍ୟାସ ହୋଇଥିବା ମାର୍କେଟ୍ କମ୍ପ୍ଲେକ୍ସ କାର୍ଯ୍ୟକାରୀ ହେବ କେବେ ?

ସମ୍ବଲପୁର: ପଶ୍ଚିମ ଓଡ଼ିଶାର ଚାଷୀଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ୧୦ ବର୍ଷ ତଳେ ଶିଳାନ୍ୟାସ କରାଯାଇଥିବା ପ୍ରସ୍ତାବିତ ସମ୍ବଲପୁର ଟର୍ମିନାଲ ମାର୍କେଟ କମ୍ପ୍ଲେକ୍ସ ପ୍ରକଳ୍ପ ଅଦ୍ୟାବଧି ଆରମ୍ଭ ହୋଇପାରି ନାହିଁ। ଏହା କାର୍ଯ୍ୟକ୍ଷମ ହୋଇଥିଲେ କୃଷିଜାତ ଦ୍ରବ୍ୟର ଆମଦାନୀ, ରପ୍ତାନୀ, ଶୀତଳଭଣ୍ଡାର ସୁବିଧା, ବଜାର ବ୍ୟବସ୍ଥା, ପରିବହନ ଆଦି ଚାଷୀ ଓ ଚାଷର ସମସ୍ତ ସୁବିଧା ମିଳି ପାରିଥାନ୍ତା। ଜମି ଲିଜ୍‌କୁ ନେଇ ସମସ୍ୟା ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ଟେଣ୍ଡର କରାଯାଇ ନାହିଁ। ଏନେଇ ଚାଷୀ ଓ ଅଞ୍ଚଳବାସୀ ବାରମ୍ବାର ଉଦ୍ୟମ କରିଥିଲେ ହେଁ ସରକାର ଓ ଜନପ୍ରତିନିଧିଙ୍କ ଉଦାସୀନତା ଯୋଗୁଁ କାର୍ଯ୍ୟ ହୋଇପାରି ନ ଥିବା ଅଭିଯୋଗ ହେଉଛି। ନୂତନ ବିଜେପି ସରକାର କାର୍ଯ୍ୟଭାର ଗ୍ରହଣ କରିଥିବାରୁ ଏହି ପ୍ରକଳ୍ପର କାର୍ଯ୍ୟାନ୍ୱୟନ ହେବ ବୋଲି ଚାଷୀ ମହଲରେ ଆଶାପ୍ରକାଶ ପାଉଛି।

୨୦୧୪ ମସିହା ସେପ୍ଟେମ୍ବର ୨୮ ତାରିଖ ଯୁଯୋମୁରା ବ୍ଲକ ଅନ୍ତର୍ଗତ କବରାପାଲି ପଞ୍ଚାୟତର ନିଳଡୁଙ୍ଗରୀ ଠାରେ ଜାତୀୟ ରାଜପଥ କଡ଼ରେ ଏକ ମାର୍କେଟ ଟର୍ମିନାଲ୍ ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହା ସମ୍ବଲପୁର ତଥା ପଶ୍ଚିମ ଓଡ଼ିଶା ପାଇଁ ଏକ ମହତ୍ୱାକାଂକ୍ଷୀ ପ୍ରକଳ୍ପ। ପଶ୍ଚିମ ଓଡ଼ିଶାର ଚାଷୀ ଓ ବଜାର ମଧ୍ୟରେ ସିଧାସଳଖ ସମ୍ପର୍କ ସହ ଶୀଘ୍ର ନଷ୍ଟ ହୋଇ ଯାଉଥିବା ସାମଗ୍ରୀର ଯୋଗାଣ ବ୍ୟବସ୍ଥା, ଦକ୍ଷତା ବିକାଶ ତଥା ଚାଷୀଙ୍କ ଆର୍ଥିକ ବ୍ୟବସ୍ଥାରେ ଉନ୍ନତି ହେବାକୁ ଲକ୍ଷ୍ୟ ରଖାଯାଇଥିଲା। ପ୍ରାୟ ୬୦ ଏକର ପରିମିତ ସ୍ଥାନରେ ପ୍ରସ୍ତାବିତ କମ୍ପ୍ଲେକ୍ସ ହେବାସହ ଏଥିରେ ଶୀତଳଭଣ୍ଡାର, ଗୋଦାମ, ଇଲେକ୍ଟ୍ରୋନିକ ଓଜନ ମେସିନ, ପ୍ୟାକିଂ ଓ ଲେବେଲିଂ ବ୍ୟବସ୍ଥା, ଇଲେକ୍ଟ୍ରୋନିକ ନିଲାମ କେନ୍ଦ୍ର, ବ୍ୟାଙ୍କ, ପେଟ୍ରୋଲପମ୍ପ ତଥା ୨୦୦ ଟ୍ରକ ସକାଶେ ପାର୍କିଂ ବ୍ୟବସ୍ଥା ଯୋଜନା କରାଯାଇଥିଲା। ଏହାକୁ ପବ୍ଲିକ-ପ୍ରାଇଭେଟ୍ ପାର୍ଟନରସିପ୍ (ପିପିପି) ମୋଡ଼ରେ କରାଯାଇ ୭୪ 'କୋଟି ଟଙ୍କା ବ୍ୟୟ ଅଟକଳ ରହିଥିଲା। ଏହି ପ୍ରକଳ୍ପ କାର୍ଯ୍ୟାନ୍ୱୟନ ହୋଇଥିଲେ ଉତ୍ତରାଞ୍ଚଳ ରାଜସ୍ୱ ଡିଭିଜନ ଅନ୍ତର୍ଗତ ସମ୍ବଲପୁର ସମେତ ବରଗଡ଼, ଝାରସୁଗୁଡ଼ା, ଦେବଗଡ଼, କେନ୍ଦୁଝର, ସୋନପୁର, ବଲାଙ୍ଗିର, ଅନୁଗୋଳ, ସୁନ୍ଦରଗଡ଼, ଢେଙ୍କାନାଳ ଆଦି ଜିଲାର ଚାଷୀ ଉପକୃତ ହୋଇ ପାରିଥାନ୍ତେ।

ଏହି ପ୍ରକଳ୍ପ ପିପିପି ମୋଡ଼ରେ ସ୍ଥାପନ ସକାଶେ କୋଲକାତାର ଏକ ଘରୋଇ ସଂସ୍ଥାକୁ ମନୋନୀତ କରାଯାଇଥିଲା। ଜାତୀୟ ଉଦ୍ୟାନ କୃଷି ମିଶନ ଓ ଉପରୋକ୍ତ ସଂସ୍ଥା ବ୍ୟୟ ଅଟକଳର ଅଂଶଧନ ବ୍ୟୟ କରିବା ସହ ବ୍ୟାଙ୍କ ଋଣ ନେବା ପାଇଁ ସ୍ଥିର ହୋଇଥିଲା। ସରକାରଙ୍କ ପକ୍ଷରୁ ମାତ୍ର ୨୫ ବର୍ଷ ଜମି ଲିଜ୍ ଦିଆଯାଇଥିବା ବେଳେ କମ୍ପାନୀ କର୍ତ୍ତୃପକ୍ଷ ୯୯ ବର୍ଷ ଜମି ଲିଜ୍ ପାଇଁ ଦାବି କରିବାକୁ ନେଇ ସମସ୍ୟା ସୃଷ୍ଟି ହୋଇଥିଲା।

ସଦ୍ୟ ସମାପ୍ତ ନିର୍ବାଚନ ପ୍ରଚାର ସମୟରେ ବିଜେପି ସାଂସଦ ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ କବରାପାଲି ଓ ନିଳଡୁଙ୍ଗରୀ ଆସିଥିବା ବେଳେ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାନ ପରିଦର୍ଶନ କରି ଫଳକ ମଧ୍ୟ ଉଭାନ ହୋଇ ଯାଇଥିବା ଦେଖି ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ। ଜାତୀୟ ରାଜପଥ ଉପରେ ଏକ ଯଥେଷ୍ଟ ଭିତ୍ତିଭୂମି ଥିବା ସତ୍ତ୍ୱେ ପ୍ରକଳ୍ପ କାର୍ଯ୍ୟକାରୀ କାହିଁକି ହୋଇପାରିଲା ନାହିଁ ବୋଲି ସେ ପ୍ରଶ୍ନ କରିଥିଲେ। ଏହି ପ୍ରକଳ୍ପ କରାଯିବାକୁ ସେ ନିର୍ବାଚନୀ ସଭାରେ ପ୍ରତିଶ୍ରୁତି ଦେଇଥିଲେ। ଏବେ ସେ କେନ୍ଦ୍ରମନ୍ତ୍ରୀ ଭାବେ ଶପଥ ନେଇଥିବାରୁ ଏବଂ ରାଜ୍ୟରେ ବିଜେପି ସରକାର ଗଠନ ହୋଇ ସାରିଥିବାରୁ ଏହି ପ୍ରକଳ୍ପ ଶୀଘ୍ର ଆରମ୍ଭହୋଇ ଚାଷୀଙ୍କ କାମରେ ଲାଗିବ ବୋଲି ଆଶା କରାଯାଉଛି।

## ନବ ନିର୍ବାଚିତ ବିଧାୟକ ସମସ୍ୟା ଶୁଣିଲେ

ଝାରସୁଗୁଡ଼ା: ବିଧାନସଭା ନିର୍ବାଚନ ମଣ୍ଡଳୀର ନବ ନିର୍ବାଚିତ ବିଧାୟକ ଟଙ୍କଧର ତ୍ରିପାଠୀ କୋଲାବିରା ବ୍ଲକର ପରମାଣପୁର, ରଘୁନାଥପାଲି ଓ କେଲେଣ୍ଡାମାଲ ପଞ୍ଚାୟତର ସମସ୍ତ ଗ୍ରାମକୁ ଗସ୍ତ କରିଥିଲେ। ଏହାସହ ବିଧାୟକ ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ଶୁଣିଥିଲେ। ବିଭିନ୍ନ ଗ୍ରାମରେ ପିଇବା ପାଣି, ପୋଖରୀ ପୁନରୁଦ୍ଧାର ଓ ଗାଧୁଆ ଘାଟ, କ୍ଲବ୍ ଘର ନିର୍ମାଣ ଓ ଗାଁ ଭିତର ରାସ୍ତା ନିର୍ମାଣ ପାଇଁ ବିଧାୟକଙ୍କ ନିକଟରେ ଲୋକେ ଦାବି କରିଥିଲେ। ପରମାଣପୁର ପଞ୍ଚାୟତର ସିରିଆପାଲି, ଠରକିମାଲ, କାପୁଟିକ୍ରା, ଦପକା, ପରମାଣପୁର, କାଲିବାହଲ, ବୁଢାମୁଣ୍ଡା, ପତ୍ରାପାଲି, କଣ୍ଟାଟିକ୍ରା, ପାଚେରବନ୍ଧ ଇତ୍ୟାଦି ଗ୍ରାମକୁ ଯାଇ ଜନସାଧାରଣଙ୍କୁ ଭେଟିଥିଲେ। ଦପକା ଗ୍ରାମର ଗୋଟିଏ ପଡ଼ା ଝାରସୁଗୁଡ଼ା ବ୍ଲକ କାଡିକେଲା ପଞ୍ଚାୟତ ଅଧୀନରେ ଥିବାରୁ ଏହାକୁ କୋଲାବିରା ବ୍ଲକ ପରମାଣପୁର ପଞ୍ଚାୟତରେ ମିଶ୍ରଣ କରିବାକୁ ଗ୍ରାମବାସୀ ବିଧାୟକଙ୍କ ନିକଟରେ ଦାବି ଜଣାଇଥିଲେ। ରଘୁନାଥପାଲି ପଞ୍ଚାୟତରେ ବୁଟ୍‌ପାଲି, ଭାଲୁମାଲ, ସାହାଜବାହାଲ, ସିଂହିବାହାଲ, ନୂଆପାଲି, ପାଇକପଡ଼ା, ମୁଣ୍ଡାଟିକ୍ରା, ରଘୁନାଥପାଲି, କେନ୍ଦୁଟିକ୍ରା ଇତ୍ୟାଦି ଗ୍ରାମକୁ ବିଧାୟକ ଶ୍ରୀ ତ୍ରିପାଠୀ ଗସ୍ତ କରିଥିଲେ। ସେହିପରି କେଲେଣ୍ଡାମାଲ ପଞ୍ଚାୟତ ମଧ୍ୟ ଗସ୍ତ 'କରିଥିଲେ। ଗସ୍ତରେ ବିଧାୟକଙ୍କ ସହ କୋଲାବିରା ମଣ୍ଡଳ ସଭାପତି ରାଜେଶ ଦାଶ, ଉପସଭାପତି ସଞ୍ଜୟ କୁମାର ପୂଜାରୀ, ଯୁବ ସଭାପତି ଲିଙ୍କନ ଟଣ୍ଡକାର, ବରିଷ୍ଠ ସଦସ୍ୟ ଅରୁଣ କୁମାର ବେହେରା, ସମରେନ୍ଦ୍ର ରାଏ, ଦିଲୀପ ପୁରୋହିତ, ମହେନ୍ଦ୍ର ସାହୁ, ଅନିଲ ବେହେରା ପ୍ରମୁଖଙ୍କ ସହ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

## କୋଲାବିରାରେ ପ୍ରଦୀପ ଓ ଟଙ୍କଧରଙ୍କ ରୋଡ଼ ଶୋ'



ଝାରସୁଗୁଡ଼ା: କୋଲାବିରା ସଦର ମହକୁମାରେ ନବନିର୍ବାଚିତ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଓ ବିଧାୟକ ଟଙ୍କଧର ତ୍ରିପାଠୀ ରୋଡ଼ ଶୋ' ସହ ବିଜୟ ଉତ୍ସବ ପାଳନ କରିଛନ୍ତି। ଶହ ସହ ସଂଖ୍ୟାରେ ବିଜେପି କର୍ମୀ ଓ ଜନସାଧାରଣ ବିଧାୟକ ଓ ସାଂସଦଙ୍କୁ କୋଲାବିରା ବ୍ଲକ ଛକରେ ସ୍ୱାଗତ ଜଣାଇବା ସହ ସମ୍ବର୍ଦ୍ଧନା ଜଣାଇଥିଲେ। ସେହିପରି ବିଭିନ୍ନ ଅନୁଷ୍ଠାନ ଓ ବିଶିଷ୍ଟ ବ୍ୟକ୍ତି ମଧ୍ୟ ଫୁଲତୋଡ଼ା ଦେଇ ସ୍ୱାଗତ ଓ ସମ୍ବର୍ଦ୍ଧନା ଦେଇଥିଲେ। ପ୍ରାରମ୍ଭରେ ସ୍ଥାନୀୟ ରଣଜିତା ଦେବୀଙ୍କ ନିକଟରେ ପୂଜାର୍ଚ୍ଚନା ପରେ ରୋଡ଼ ଶୋ' ଆରମ୍ଭ ହୋଇଥିଲା। ଏ ଅବସରରେ କରୁଣାକର ଛକରେ ସ୍ୱାଧୀନତା ସଂଗ୍ରାମୀ କୋଲାବିରାର ପୂର୍ବତନ ଜମିଦାର କରୁଣାକର ସିଂ ନାଏକଙ୍କ ପ୍ରତିମୂର୍ତ୍ତିରେ ବିଧାୟକ ଟଙ୍କଧର ଓ ସାଂସଦ ପ୍ରଦୀପ ଫୁଲମାଳ ଅର୍ପଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବିଜେପି ମଣ୍ଡଳ ସଭାପତି ରାଜେଶ ଦାଶ, ଉପସଭାପତି ସଞ୍ଜୟ କୁମାର ପୂଜାରୀ, ଜମିଦାର ଅମରେନ୍ଦ୍ର ପ୍ରତାପ ସିଂହ, ବରିଷ୍ଠ ସଦସ୍ୟ ସମରେନ୍ଦ୍ର ରାଏ, ଅଶୋକ କୁମାର ବେହେରା, ମହେନ୍ଦ୍ର ସାହୁ, ଦିଲୀପ ପୁରୋହିତ, ଲିଙ୍କନ ଟଣ୍ଡକାର, ଅରୁଣ କୁମାର ବେହେରା ପ୍ରମୁଖଙ୍କ ସହ ସମଗ୍ର ବ୍ଲକ ଅଞ୍ଚଳରୁ ଶତାଧିକ ବିଜେପି କର୍ମୀ ଓ ଜନସାଧାରଣ ଉପସ୍ଥିତ ଥିଲେ।

## ଖରିଫ ଋତୁରୁ ଧାନ କ୍ୱିଣ୍ଟାଲ ୩୧ଶହ ଟଙ୍କାରେ କିଣାଯିବ

ନୂଆଦିଲ୍ଲୀ: କେନ୍ଦ୍ର ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଣ୍ଟାଲ ପିଛା ୨୩ଶହ ଟଙ୍କାକୁ ବୃଦ୍ଧି କରିଛନ୍ତି। ଏହା ସହିତ ୧୪ଟି ଖରିଫ ଫସଲର ଏମଏସପିକୁ କେନ୍ଦ୍ର ସରକାର ବୃଦ୍ଧି କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ ବୈଠକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ବୈଠକ ପରେ ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ପ୍ରଦାନ କରି କହିଛନ୍ତି ଯେ, କେନ୍ଦ୍ର ସରକାର ୧୪ଟି ଖରିଫ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି) ବୃଦ୍ଧି କରିଛନ୍ତି। ଚାଷରେ ବ୍ୟୟ ଅଟକଳର ୧୫୦ ପ୍ରତିଶତ ମୂଲ୍ୟ ଯେପରି ଚାଷୀ ପାଇପାରିବେ ତାହାକୁ ଆକଳନ କରି କେନ୍ଦ୍ର ସରକାର ଏହି ଏମଏସପି ଧାର୍ଯ୍ୟ କରିଛନ୍ତି। ଏହା ଚାଷୀଙ୍କ ଆୟ ବୃଦ୍ଧିରେ ସହାୟକ ହେବ ବୋଲି ଆଶା କରାଯାଉଛି। ଧାନର ଏମଏସପି ୫.୩୫% ବା କୁଇଣ୍ଟାଲ ପିଛା ୧୧୭ ଟଙ୍କା ବୃଦ୍ଧି କରାଯାଇଛି। ଏବେ ଚାଷୀ ଧାନ କ୍ୱିଣ୍ଟାଲ ୨୩୦୦ ଟଙ୍କାରେ ବିକ୍ରୀ କରିପାରିବେ। ଅପରପକ୍ଷରେ ସାଧାରଣ ନିର୍ବାଚନ ୨୦୨୪ରେ ଦଳର ଇସ୍ତାହାର ଘୋଷଣା ଅନୁଯାୟୀ, ଆସନ୍ତା ଖରିଫ ଋତୁରେ ଚାଷୀଙ୍କ ଠାରୁ ଧାନ କୁଇଣ୍ଟାଲ ପିଛା ୩୧୦୦ ଟଙ୍କାରେ କିଣାଯିବ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ମନ୍ତ୍ରୀ କହିଛନ୍ତି କେନ୍ଦ୍ର ସରକାର ଧାନ କୁଇଣ୍ଟାଲ ପ୍ରତି ୨୩୦୦ ଟଙ୍କା କରିବା ପରେ ରାଜ୍ୟ ସରକାରଙ୍କୁ ସୁବିଧା ହୋଇଛି। ନଚେତ୍ ସରକାରଙ୍କୁ କୁଇଣ୍ଟାଲ ପିଛା ୯୧୭ ଟଙ୍କା ଅଧିକ ଦେବାକୁ ପଡ଼ିଥାନ୍ତା। ଏବେ ୮୦୦ ଟଙ୍କା ଦେବାକୁ ପଡ଼ିବ। ଚାଷୀ ଧାନ ବିକ୍ରି କରିବାର ୪୮ ଘଣ୍ଟା ମଧ୍ୟରେ ସେମାନଙ୍କ ପ୍ରାପ୍ୟ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ପାଇଯିବେ। ଚାଷୀଙ୍କ ଧାନ କୌଣସି କଟ୍‌ନିଛଟ୍‌ନି କରାଯିବ ନାହିଁ। କଟ୍‌ନିଛଟ୍‌ନି କଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କୌଣସି ମିଲର ଚାଷୀଙ୍କୁ ହଇରାଣ କରିପାରିବେ ନାହିଁ ଓ ଚାଷୀଙ୍କୁ ହଇରାଣ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ଚାଷୀମାନେ ଦୀର୍ଘଦିନ ଧରି ଖରାବର୍ଷାରେ ମଣ୍ଡି ଆଗରେ ଏଟିଏମ୍ ବା ଧାନ ରଖି ବସିବେ ନାହିଁ। ସେମାନଙ୍କ ଠାରୁ ତୁରନ୍ତ ଧାନ ସଂଗ୍ରହ କରାଯିବ ବୋଲି ଖାଦ୍ୟ ଯୋଗାଣ ମନ୍ତ୍ରୀ କହିଛନ୍ତି।



## ମାଆ

ସାକ୍ଷୀ ଅଗ୍ରୱାଲ

ମାଆ ! ତୁମେ କୋଉ ମାଟିରେ ଗଢ଼ା ?
ତୁମେ କୋଉ ମାଟିରେ ଗଢ଼ା ମାଆ ! ?
ତମେ କାହିଁକି ଏମିତି ?
ତୁମ ପରି ବ୍ୟକ୍ତିତ୍ୱ ସମ ମଣିଷ,
ସାରା ଜଗତେ ବିରଳ।
ହଁ ମା' ! ସାରା ଜଗତେ ବିରଳ।
କାହିଁକି ତମେ ମତେ କେବେବି,
ଯେତେ ବଡ଼ ଭୁଲ୍ କଲେ ବି
କିଛି କୁହନା ?
ଗାଳି ଦେବା ତ ଦୂରେ ଥାଉ,
ଟିକେ ରାଗ ବି ମୋ' ପ୍ରତି ତମ ଆଖିରେ ଦେଖି ପାରିନି ମୁଁ।
କାହିଁକି ମାଆ ?
କାହିଁକି ଏମିତି ନିରବ ?
କାହିଁକି ମୋ' ଭୁଲ୍ ତୁମ ଆଖିରେ ଦିଶେ ନି କେବେ ?
ମାଆ ! ମୁଁ ଜାଣିଛି ମତେ ତମେ ଭଲ ପାଅ,
ଜାଣିଛି ମାଆ ମତେ ତମେ ଗେଲ କର।
ପାଖରେ ସଶରୀରରେ ନ ଥିଲେ ବି,
ମନ-ହୃଦୟରୁ ସଦା ଥାଅ ମୋ' ସାଥିରେ ଓ
ମତେ ରଖି ସଦା ନିଜ ଛାୟାରେ।
କେବଳ ସେଥିପାଇଁ ମାଆ,
କେବଳ ସେଥିପାଇଁ କହୁଛି।
ଯେହେତୁ ମୁଁ ତୁମ ଛୁଆ,
ମୋ' ଭୁଲ୍ ରେ ମତେ ଗାଳି .,
ରାଗିବା, ବୁଝେଇବା ତମ କର୍ତ୍ତବ୍ୟ ମାଆ !
ମୁଁ ତେବେ ଯାଇ ସମସ୍ତଙ୍କ ପ୍ରିୟ ହୋଇପାରିବି,
ଯେବେ ତୁମର ଜଣେ ଆଦର୍ଶ ଝିଅ
ଆଦର୍ଶ ଶିକ୍ଷା ହେଇ ପାରିବି।
ଆଉ, ମୁଁ ତେବେ ଯାଇ ଆଦର୍ଶ ହୋଇପାରିବି,
ଯେବେ ତମେ ମତେ ବାଟ କଢ଼ାଇବ।
ଭଲ କାମରେ ପ୍ରଶଂସା ନ କଲେ ବି,
ଭୁଲରେ ଗାଳି ଟିକେ ଦେବ,
ମତେ ବୁଝାଇବ ଭୁଲ୍-ଠିକ୍ ମଧ୍ୟର ବାରତା।
ମାଆ ଏସବୁ ଠିକ୍-ଭୁଲ୍ ର କଥା,
ତମଠୁ ବେଶୀ ଅବା କିଏ ଜାଣିବ ?
ଜଣେ ବିପଥଗାମୀ ଛୁଆକୁ ପଥ ଦେଖାଇବା ?
ତମେ ତ ସହସ୍ର ଛୁଆର ଉଜ୍ଜ୍ୱଳ ଭବିଷ୍ୟତ୍ ଗଢ଼ିଛ ମାଆ !
ଯେଉଁମାନଙ୍କ ଭିତରୁ,
ଅନେକ ଆଜି ଆକାଶକୁ ସ୍ପର୍ଶ କରିପାରୁଛନ୍ତି,
ତାଙ୍କର ସଂସ୍କାର-ଜ୍ଞାନ-ବଳ ମାଧ୍ୟମରେ।
ମତେ ବି ମାଁ !
ସେଇ ଆକାଶକୁ ସ୍ପର୍ଶ କରିବାର୍ ଅଛି,
ମୁଁ ସ୍ୱପ୍ନ ଦେଖିଛି ତାକୁ ସ୍ପର୍ଶ କରିବା ପାଇଁ।
ଆଉ ଏ ସ୍ୱପ୍ନ ସାକାର କରିବା ଦାୟିତ୍ୱ,
କେବଳ ମୋର ଯେ ତାହା ନୁହେଁ।
ତମର ବି।
କି ଏମିତି କହିବି ?
ମୋ'ଠୁ ବେଶୀ ତୁମର।
ଯେମିତି ଗଛ ବଢାଇବାକୁ ହେଲେ ଦିଆ ଯାଏ ପାଣି,
ସେମିତି ବାଳ ବା ଚାଟ ବଢାଇବାକୁ ହେଲେ ଦିଆଯାଏ ବାଡ଼ି,
ମା' ! ଦିଆଯାଏ ବାଡ଼ି।
ଶାନ୍ତ-ସରଳ-ବାତ୍ସଲ୍ୟତା ପରିପୂର୍ଣ୍ଣ ମାଁ ମୋର।
ମୋ' ଭିତରେ ଥିବା ଭଲ-ମନ୍ଦ ବାଛିବା କାମ ତମର।
ମା' ଡକ୍ଟର ସଙ୍ଗୀତା ନାଏକ ପୁରୋହିତଙ୍କୁ ଭକ୍ତି-
ସ୍ନେହ ଏବଂ ଆଦର ସହ ଝିଅ ସାକ୍ଷୀ।

ଯୋଗାଯୋଗ- ୯୧୭୮୩୪୨୨୫୯
ଝାରସୁଗୁଡ଼ା

# ବିଜୟ ରଥର ଦିବ୍ୟ ପ୍ରତୀକ - ଜୀବନ

ଯେଉଁମାନଙ୍କ ପାଖରେ ଜୀବନର ଆହ୍ୱାନଗୁଡ଼ିକୁ ସାମନା କରିବାର ଶକ୍ତି ଥାଏ, କେବଳ ସେହି ଧର୍ମପରାୟଣ, ସାହସୀମାନେ ହିଁ ବିଜୟ ପଥରେ ପାଦ ରଖିଥାନ୍ତି ଏବଂ ବିଜୟ ପଥରେ ଜୀବନ ରୂପୀ ରଥରେ ଆରୂଢ଼ ହୋଇ ଆଗକୁ ବଢ଼ିଥାନ୍ତି ।

ଜୀବନ ଏକ ସୁନ୍ଦର ଅବସର । ଭିନ୍ନ ଦୃଷ୍ଟିରେ ଜୀବନକୁ ସଂଘର୍ଷ ବି କୁହାଯାଏ । ସଂସାର ଓ ଆମ ଭିତରେ ଯାବତୀୟ ଅନ୍ତର୍ବିରୋଧ ରହିଛି, କିନ୍ତୁ ସଂସାରକୁ ଯୁଦ୍ଧକ୍ଷେତ୍ର ମାନୁଥିବା ଲୋକେ 'ବିଜୟର ସୂତ୍ର' ଖୋଜିଥାନ୍ତି ।

ଗୀତାକାର ସଂସାରକୁ ଧର୍ମକ୍ଷେତ୍ର କହିଛନ୍ତି । ଗୀତା 'ଧର୍ମକ୍ଷେତ୍ର' ଶବ୍ଦରୁ ହିଁ ପ୍ରାରମ୍ଭ ହୋଇଥାଏ । ଜୀବନ ଯୁଦ୍ଧରେ ଅନେକ ଶତ୍ରୁ ଅଛନ୍ତି । ମୁହାଁମୁହିଁ ଲଢ଼େଇକୁ ଯୁଦ୍ଧ କୁହାଯାଏ । ଶତ୍ରୁ ଆମ ସମସ୍ତଙ୍କର କ୍ଷତି କରିଥାଏ । ଏହିପରି ଭାବରେ କ୍ଷତି ଘଟାଉଥିବା ସମସ୍ତ ଶକ୍ତି ମଧ ଶତ୍ରୁ ହୋଇଥାଏ ।

ମହର୍ଷି ପତଞ୍ଜଳି ଯୋଗସୂତ୍ରରେ ଚିତ୍ତବୃତ୍ତିଗୁଡ଼ିକୁ ମଧ ଏହିପରି କହିଛନ୍ତି । ସେଗୁଡ଼ିକର ସଂଖ୍ୟା ହେଉଛି ପାଞ୍ଚ । ଯୁଦ୍ଧ ବା ସଂଘର୍ଷରେ ବିଜୟର ଇଚ୍ଛା ରହିବା ସ୍ୱାଭାବିକ । ପାଶ୍ଚାତ୍ୟ ମାନ୍ୟତା ଅନୁସାର ପ୍ରେମ ଓ ଯୁଦ୍ଧରେ କୌଣସି ନୃତ୍ୟ ଭୁଲ ନୁହେଁ । ସେମାନଙ୍କ ରାଷ୍ଟ୍ରଜୀବନରେ ପ୍ରେମ ମଧ ଯୁଦ୍ଧ ଭଳି, ସେଥିପାଇଁ ସେଠାରେ ପ୍ରେମରେ ବି ଷଡ଼ଯନ୍ତ୍ରର ଔଚିତ୍ୟ ରହିଛି । ଭାରତର ରାଷ୍ଟ୍ରଜୀବନରେ ଯୁଦ୍ଧ ମଧ ଧର୍ମ ବା କର୍ତ୍ତବ୍ୟ ଅଟେ । ତେଣୁକରି ଏଠାରେ ଯୁଦ୍ଧ ବିଜୟର ସ୍ୱର୍ଣ୍ଣ ସୂତ୍ରରେ ମଧ ଧର୍ମରେ ଦର୍ଶନ ଓ ବିଜ୍ଞାନର ସମନ୍ୱୟ ସମାହିତ । ଜୀବନରେ ଏହି ସୂତ୍ରଗୁଡ଼ିକ ପ୍ରତି ଧ୍ୟାନ ଦେବା ଆବଶ୍ୟକ ।

ପ୍ରାଚୀନ ଯୁଦ୍ଧଗୁଡ଼ିକରେ ରଥ ଏକ ଆବଶ୍ୟକ ଉପକରଣ ଥିଲା । ରଥରେ ସବାର ହୋଇଥିବା ଯୋଦ୍ଧାକୁ ରଥୀ କୁହାଯାଉଥିଲା, ଅଥଚ ରଥବିହୀନ ଯୋଦ୍ଧା ଅସୁରକ୍ଷିତ ବିବେଚିତ ହେଉଥିଲା । ଅଯୋଧ୍ୟା ନରେଶ ଶ୍ରୀରାମ ଓ ଲଙ୍କାଧିପତି ରାବଣ ମଧ୍ୟରେ ହୋଇଥିବା ଯୁଦ୍ଧ ଅତ୍ୟନ୍ତ ପ୍ରସିଦ୍ଧ । ବିଜୟ ପର୍ବ ଏହି ଯୁଦ୍ଧ ବିଜୟର ଲୋକଉତ୍ସବ ଅଟେ । ଶ୍ରୀରାମଙ୍କ ପାଖରେ ରଥ ନ ଥିଲା । ରାବଣ ରଥ ଉପରେ ସବାର ଥିଲା । ତୁଳସୀ ଦାସଙ୍କ ରଚିତ ରାମଚରିତ ମାନସର ଏହି ପ୍ରସଙ୍ଗ ଧ୍ୟାନାକର୍ଷଣ କରିଥାଏ -

ରାବନୁ ରଥୀ ବିରଥ ରଘୁବୀରା ।
ଦେଖି ବିଭୀଷନୁ ଭୟଉ ଅଧୀରା ।

ଅର୍ଥାତ୍ ଶ୍ରୀରାମ ରଥବିହୀନ ଥିବାର ଦେଖି

ସହଯୋଗୀ ବିଭୀଷଣ ବ୍ୟଥିତ ହେଲେ ଏବଂ କହିଲେ-

**ନାଥ ନ ରଥ ନହିଁ ତନ ପଦ ତ୍ରାନା ।**
**କେହି ବିଧି ଜିତବ ବୀର ବଲବାନା ।।**

ଆପଣଙ୍କ ପାଖରେ ରଥ, କବଚ, ପାଦରେ ଜୋତା ନାହିଁ, ତେଣୁ ଆପଣ ରାବଣ ଭଳି ବୀର ଉପରେ ବିଜୟୀ ହେବେ କିପରି ? ବିଭୀଷଣଙ୍କ ବ୍ୟଥା-ବ୍ୟାକୁଳତା ସ୍ୱାଭାବିକ ଥିଲା । ଶ୍ରୀରାମଙ୍କ ପାଖରେ ଯୁଦ୍ଧର ସାଧାରଣ ଉପକରଣ ବି ନ ଥିଲା ।

ବିଜୟଶ୍ରୀ ନିମନ୍ତେ ଏସବୁ ଉପକରଣ ଜରୁରୀ, କିନ୍ତୁ ଏଠାରେ ଭାରତୀୟ ବିବେକର ଉପକରଣଗୁଡ଼ିକ ଉପରେ ତୁଳସୀଙ୍କର ଧ୍ୟାନ ରହିଛି । ସେ ବିଭୀଷଣଙ୍କୁ ବ୍ୟାକୁଳ ପ୍ରଶ୍ନକର୍ତ୍ତା ଓ ଶ୍ରୀରାମଙ୍କୁ ବିଜୟ ସୂତ୍ରର ଗୁଣଗୁଡ଼ିକର ବ୍ୟାଖ୍ୟାତ କରାଇ ଭାରତୀୟ ଜୀବନମୂଲ୍ୟଗୁଡ଼ିକୁ ଉଚିତ ପ୍ରତିଷ୍ଠା ଦେଇଛନ୍ତି ।

ବିଜୟଶ୍ରୀ ହେତୁ ରଥ ଆବଶ୍ୟକ । ଶ୍ରୀରାମ ବିଭୀଷଣଙ୍କୁ କହିଲେ- ବିଜୟ ଦିଆଉଥିବା ରଥ କେବଳ ଲୁହାର ଉପକରଣ ହୋଇ ନଥାଏ -

ସୁନହୁ ସଖା କହ କୃପାନିଧାନା ।
ଜେହିଁ ଜୟ ହୋଇ ସୋ ସ୍ୟନ୍ଦନ ଆନା ।

ଏଠାରେ ବିଜୟ ରଥର ଅର୍ଥ ଅନ୍ୟ ପ୍ରକାରର । ଏହି ରଥ ହେଉଛି ଶ୍ରେଷ୍ଠ ଜିଜ୍ଞାସା । ଶୌର୍ଯ୍ୟ, ଧୈର୍ଯ୍ୟ ସେହି ରଥର ଚକ । ସତ୍ୟ ଓ ଶୀଳ ତାହାର ଧ୍ୱଜ । ଶକ୍ତି, ବିବେକ, ଯୋଗ ଓ ଲୋକହିତ ଏହି ରଥର ଚାରି ଘୋଡ଼ା । ଭକ୍ତି-ନିଷ୍ଠା ସାରଥ । ମୁକ୍ତ ଚିତ୍ତ ଢାଲ । ସନ୍ତୋଷ ତଲୁଆର, ବୁଦ୍ଧି ପ୍ରଚଣ୍ଡ ଶକ୍ତି ଓ ବିଜ୍ଞାନ କଠୋର ଧନୁ- 'ବର ବିଗ୍ୟାନ କଠିନ କୋଦଣ୍ଡା । ନିର୍ମଳ ଓ ଅବିଚଳ ମନ ତୂଣୀର । ଏକାଗ୍ର ଚିତ୍ତ ଓ ଯମ-ନିୟମ ବାଣ । ବିଦ୍ୱାନ୍, ଆଚାର୍ଯ୍ୟଗଣଙ୍କ ସମ୍ମାନ କବଚ ।

ପ୍ରତିପାଦନ ଅନୁସାର ଏସବୁ ବ୍ୟତୀତ ବିଜୟର ଅନ୍ୟ ଉପାୟ ନାହିଁ-

ଏହି ସମ ବିଜୟ ଉପାୟ ନ ଦୂଜା ।

ଯାହା ପାଖରେ ଏପରି ଧର୍ମ ଆଚ୍ଛାଦିତ ରଥ ରହିଛି, ତାକୁ ତା'ର ଶତ୍ରୁ ହରାଇ ପାରିବ ନାହିଁ । ରାମଚରିତ ମାନସର ଲଙ୍କାକାଣ୍ଡରେ ବର୍ଣ୍ଣିତ ଏହି ବିଜୟ ରଥ ଭାରତୀୟ ଜୀବନ ମୂଲ୍ୟ ଗୁଡ଼ିକର ଦିଗ୍‌ଦର୍ଶନ କରାଇଥାଏ । ବିଜୟ ପର୍ବର ଉଲ୍ଲାସରେ ଏହାର ଅନୁଭୂତି ଆମର ମନକୁ ପ୍ରଗାଢ଼ ସାଂସ୍କୃତିକ ମୂଲ୍ୟଗୁଡ଼ିକ ସହିତ ଯୋଡ଼ିଥାଏ, କିନ୍ତୁ ପ୍ରଶ୍ନ ହେଉଛି, ଆମର ଜୀବନମୂଲ୍ୟ କ'ଣ ଯୁଦ୍ଧ ଉପକରଣଗୁଡ଼ିକର ବିକଳ୍ପ ହୋଇ ପାରିବ ?

ଜୀବନମୂଲ୍ୟ ତାହା ସ୍ଥାନରେ ଅଛି, ସେଥିରେ ପ୍ରତିବଦ୍ଧ ହୋଇ ରହିବା ଭାରତର ପ୍ରକୃତି । ଗୀତାରେ ବି ସମସ୍ତ ଦାର୍ଶନିକ ବିଚାର ରହିଛି । ଶେଷରେ ସଞ୍ଜୟ କହିଛନ୍ତି - ଯେଉଁଠାରେ ଯୋଗେଶ୍ୱର କୃଷ୍ଣ ଓ ଧନୁର୍ଦ୍ଧର ଅର୍ଜୁନ ଅଛନ୍ତି, ବିଜୟ ସେହି ପକ୍ଷର ହେବ । ଏଠାରେ ଶ୍ରୀକୃଷ୍ଣଙ୍କ ପୂର୍ବରୁ ଯୋଗେଶ୍ୱର ଓ ଅର୍ଜୁନଙ୍କ ପୂର୍ବରୁ ଧନୁର୍ଦ୍ଧର ବିଶେଷଣ ଲାଗିଛି ।

ଯୋଗ, ଧ୍ୟାନ, ନିଷ୍କାମତା, ଭକ୍ତି ଓ ଜ୍ଞାନ 'ଯୋଗେଶ୍ୱର'ର ପର୍ଯ୍ୟାୟ । ଏଗୁଡ଼ିକ ଜରୁରୀ, କିନ୍ତୁ ଧନୁ ଭଳି ଉପକରଣ ବି ଜରୁରୀ । ସେଥିପାଇଁ ଧନୁର୍ଦ୍ଧର ଶବ୍ଦ ରହିଛି । ତୁଳସୀଦାସ ମଧ ଏହି ସତ୍ୟ ସହିତ ପରିଚିତ ଥିଲେ ।

ଯୁଦ୍ଧର ବର୍ଣ୍ଣନ କରି ସେ ଆଗକୁ କହିଛନ୍ତି -

ଦେବନ୍ଦ ପ୍ରଭୃହି ପୟାଦେ ଦେଖା ।
ଉପଜା ଉର ଅତି ଛୋଭ ବିଶେଷ ।।

ପ୍ରଥମେ ଶ୍ରୀରାମଙ୍କୁ ରଥହୀନ ଦେଖି ବିଭୀଷଣ ଦୁଃଖୀ ଥିଲେ । ଶ୍ରୀରାମ ତାଙ୍କୁ ବିଜୟ ରଥର ଗୁଣ ବଖାଣିଲେ, କିନ୍ତୁ ଅନ୍ୟ ପକ୍ଷରେ ଦେବତାମାନେ ପୀଡ଼ିତ ଥିବାରୁ ସେମାନଙ୍କ ମନରେ କ୍ଷୋଭ ଉତ୍ପନ୍ନ ହୋଇଥିଲା । ଦେବତାମାନେ ନିଶ୍ଚିତ ରୂପେ ଶ୍ରୀରାମଙ୍କ ଦ୍ୱାରା କୁହାଯାଇଥିବା ବିଜୟ ରଥ ସହିତ ପରିଚିତ ଥିବେ, କିନ୍ତୁ ଇନ୍ଦ୍ର ଶ୍ରୀରାମଙ୍କ ପାଖକୁ ନିଜର ରଥ ପଠାଇ ଦେଲେ- 'ସୁରପତି ନିଜ ରଥ ତୁରତ ପଠାବା । ତାହେଲେ କ'ଣ ଦେବତାମାନଙ୍କୁ ଶ୍ରୀରାମଙ୍କର ଆଦର୍ଶ ବିଜୟ ରଥ ଉପରେ ବିଶ୍ୱାସ କମ୍ ଥିଲା ?

ଶୌର୍ଯ୍ୟ, ଧୈର୍ଯ୍ୟ, ଶୀଳ ଆଦି ସଦ୍‌ଗୁଣ ଯୁକ୍ତ ଧର୍ମମୟ ରଥ ଆମ ଜୀବନ ସଂଘର୍ଷର ରୂପକ । ଏହି ରଥ ଆମ ରାଷ୍ଟ୍ରଜୀବନର ପ୍ରାଣରେ ବିଦ୍ୟମାନ । ଏଠାରେ ଉଦାତ୍ତଚିତ୍ତ ଓ ସଂସାରୀ ପୌରୁଷ ମଧ୍ୟରେ କୌଣସି ସଂଘର୍ଷ ନାହିଁ ।

ସେଥିପାଇଁ ଶ୍ରୀରାମ ଇନ୍ଦ୍ରଙ୍କ ଦ୍ୱାରା ପଠାଯାଇଥିବା ସୁନ୍ଦର ରଥ ଉପରେ ପ୍ରସନ୍ନତା ପୂର୍ବକ ବସିଗଲେ-

ତେଜ ପୁଞ୍ଜ ଦିବ୍ୟ ଅନୂପା ।
ହରଷି ଚଢ଼େ କୋସଲପୁର ରୂପା ।।

ଏଠାରେ 'ହରଷି ଚଢ଼େ' ଧ୍ୟାନ ଦେବାର ଯୋଗ୍ୟ । ଆଦର୍ଶ ଜୀବନମୂଲ୍ୟର ରଥ ଶ୍ରୀରାମଙ୍କ ପାଖରେ ଥିଲା, କିନ୍ତୁ ସେ ଇନ୍ଦ୍ରଙ୍କ ଦ୍ୱାରା ପଠାଯାଇଥିବା ତେଜପୁଞ୍ଜ ରଥ ଉପରେ ହର୍ଷପୂର୍ବକ ଚଢ଼ିଲେ । ଜୀବନ ଏକପକ୍ଷୀୟ ନୁହେଁ । ସଂସାର ମାୟା ହୋଇପାରେ ଓ ମିଥ୍ୟା ବି ହୋଇପାରେ । ମାୟା ଓ ସଂସାରରେ ରହିବା ପାଇଁ ମାୟା ଓ ସଂସାରର ଉପକରଣ ଜରୁରୀ ।

ମାୟା ଓ ସଂସାରରୁ ମୁକ୍ତି ହେତୁ ଜ୍ଞାନ-ବିଜ୍ଞାନର ବୋଧ ବି ବହୁତ ଜରୁରୀ । ଶ୍ରୀରାମ ହେଉଛନ୍ତି ଭାରତର ମନର ମର୍ଯ୍ୟାଦା ପୁରୁଷୋତ୍ତମ । ତାଙ୍କୁ ବ୍ରହ୍ମ ବୋଲି ଜାଣି ଲୀଳା କରୁଥିବାର ଦେଖୁବାର ନିଜସ୍ୱ ଆନନ୍ଦ ରହିଛି, କିନ୍ତୁ ତାଙ୍କୁ ନିଜର ଓ ନିଜର ହିଁ ପୂର୍ବଜ ଜାଣି ତାଙ୍କର ମର୍ଯ୍ୟାଦା ପୁରୁଷୋତ୍ତମ ଭାବଭୂମିରେ ବୁଡ଼ିବାର ଆନନ୍ଦ ନେବା ଆହୁରି ଅଧିକ ଆନନ୍ଦଦାୟକ ।

ସଂସାର ଯେପରି ପ୍ରତ୍ୟକ୍ଷ, ବହୁଧା ସେପରି ହୋଇ ନଥାଏ । ପ୍ରତ୍ୟକ୍ଷ କେବେ କେବେ ପ୍ରମାଣ ହୋଇ ନଥାଏ । ଇନ୍ଦ୍ରିୟବୋଧ ସର୍ବଦା ଠିକ୍ ସୂଚନା ହିଁ ଦେଇ ନଥାଏ । ଜିଜ୍ଞାସା ବ୍ୟାକୁଳ କରିଥାଏ । ମନ ବ୍ୟାକୁଳ ହୋଇଥାଏ । ଦର୍ଶନ ପ୍ରତ୍ୟକ୍ଷ ଉପରେ, ଅନୁମାନ ଆଧାରିତ ସତ୍ୟର ଅନୁସନ୍ଧାନ ଉପରେ ଗୁରୁତ୍ୱ ଦେଇଥାଏ ।

ତଥାପି ମନକୁ ଜିଜ୍ଞାସାର ବ୍ୟାକୁଳତା ପ୍ରଶାନ୍ତ ହେବାକୁ ନ ଦେଲେ ପୂର୍ବ କଥନ ବା ବୈଦିକ ଅନୁଭୂତିଗୁଡ଼ିକର ସହାୟତା ନେବା ମଧ ବିକଳ୍ପ ହୋଇଥାଏ । ମୌଳିକ ପ୍ରଶ୍ନ ହେଲା, ଆମ ମନ ନ ମାନିଲେ କ'ଣ କରାଯିବ ?

ଗୀତା ଏପରି ପରିସ୍ଥିତି ପାଇଁ ଯଥେଚ୍ଛସି କୁରୁ, ଅର୍ଥାତ୍ ଯାହା ଠିକ୍ ଲାଗିବ ତାହା କରିବା, ଇଚ୍ଛାନୁସାର କର୍ମ କରିବାର ସନ୍ଦେଶ ଦେଇଥାଏ । ବିଷାଦର ଏଭଳି ଅବସରଗୁଡ଼ିକରେ ଭାରତୀୟ ପରମ୍ପରାର ଚିନ୍ତନ ଓ ଦର୍ଶନ ପ୍ରସାଦ ରୂପରେ ଚିତ୍ତକୁ ମଧୁର ଆସ୍ୱାଦନରେ ଭରିଦିଏ । ଜୀବନକୁ ଉତ୍କୃଷ୍ଟତାରେ ଭରିଦିଏ । ଜୀବନରେ ଏହି ରଥ ଉପରେ ଚଢ଼ିବାର ପ୍ରୟାସ କରିବାରେ ସାର୍ଥକତା ରହିଛି । ଏଥିରେ ଓଲଟିଯିବା ଓ ଖସି ପଡ଼ିବାର କୌଣସି ସଙ୍କଟ ନାହିଁ । ଯିଏ ଧର୍ମ ରୂପୀ ଏହି ଜୀବନ ରଥ ଉପରେ କୁଶଳତା ପୂର୍ବକ ଆରୂଢ଼ ହୋଇପାରେ, ତାକୁ ହିଁ ଜୀବନ ସଂଗ୍ରାମରେ ବିଜୟ ପ୍ରାପ୍ତ ହୁଏ ।

## ଅସନ୍ତୁଳିତ ଖାଦ୍ୟ ଅକାଳ ମୃତ୍ୟୁର କାରଣ

ଧୂମ କିମ୍ବା ମଦ୍ୟପାନ ନୁହେଁ, ଅସାସ୍ଥ୍ୟକର, ପୁଷ୍ଟିହୀନ ଓ କମ୍ ଜୀବସାରଯୁକ୍ତ ଖାଦ୍ୟାଭ୍ୟାସ ଦ୍ୱାରା ବିଶ୍ୱରେ ସର୍ବାଧିକ ଅକାଳ ମୃତ୍ୟୁ ଘଟୁଥିବା ଏକ ନୂତନ ଅଧ୍ୟୟନରୁ ଜଣାପଡ଼ିଛି । ସବୁଜ ପନିପରିବା, ତାଜା ଫଳ, ଡାଲି, ଶସ୍ୟଜାତୀୟ ଖାଦ୍ୟର ଅଭାବ ଏବଂ ଅଧିକ ଲାଲ ମାଂସ, ଲୁଣ, ଚିନି, ମୃଦୁ ପାନୀୟ ଭକ୍ଷଣ ସ୍ୱାସ୍ଥ୍ୟ ପାଇଁ ହାନିକାରକ । ଏସବୁ ଉଚ୍ଚ ରକ୍ତଚାପ, ହୃଦରୋଗ, ମେଦ ବୃଦ୍ଧି, ମଧୁମେହ, ମସ୍ତିଷ୍କାଘାତ ଭଳି ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟିକାରୀ ଏବଂ ଅକାଳ ମୃତ୍ୟୁର କାରଣ ବନନ୍ତି । ଆମେରିକାର 'ଇନଷ୍ଟିଚ୍ୟୁଟ୍ ଫର୍ ହେଲଥ ମେଟ୍ରିକ୍ସ ଆଣ୍ଡ ଇଭାଲୁ ଏସନ୍' ପକ୍ଷରୁ ୧୯୯୦-୨୦୧୩ ମଧ୍ୟରେ ୧୦୩ଟି ଦେଶର ଲୋକଙ୍କ ଖାଦ୍ୟାଭ୍ୟାସ ଉପରେ ଅଧ୍ୟୟନ କରି ଗବେଷକମାନେ ଏହି ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି ।

## ହଳଦୀ ପାଣିର ଔଷଧୀୟ ଗୁଣ

ପ୍ରତିଦିନ ସକାଳେ ହଳଦି ପାଣି ପିଇଲେ ବହୁ ଫାଇଦା ମିଳିଥାଏ । ହଳଦି ପାଣିରେ କରକ୍ୟୁମିନ୍ ଅଧିକ ଥିବାରୁ ଆଣ୍ଠୁଗଣ୍ଠି ଯନ୍ତ୍ରଣା ଉପଶମ କରିବାରେ ଏହା ସହାୟକ ହୁଏ । ରକ୍ତ ଶର୍କରାସ୍ତରକୁ ଏହା ସ୍ୱାଭାବିକ କରିଥାଏ । ଫଳରେ ଡାଇବେଟିସ୍ ରୋଗରୁ ମୁକ୍ତି ମିଳିଥାଏ । ହଳଦି ପାଣି ପିଇବା ଦ୍ୱାରା କିଡନୀ ଏବଂ ଲିଭରଜନିତ ରୋଗ ଆଶଙ୍କା କମ୍ ହୋଇଥାଏ ବୋଲି ଆୟୁର୍ବେଦରେ ଉଲ୍ଲେଖ ରହିଛି । ଏହାଦ୍ୱାରା ପେଟ ସମସ୍ୟାରୁ ମୁକ୍ତି ମିଳେ । ଏଥିରେ ଆଣ୍ଟିଅକ୍ସିଡାଣ୍ଟ ଥିବାରୁ ଏହା ଶରୀରକୁ ସତେଜ ରଖିବାରେ ସହାୟକ ହୋଇଥାଏ । ଅଧଗ୍ଲାସ ହଳଦି ପାଣି ନିୟମିତ ପିଇଲେ ରକ୍ତ ପରିଷ୍କାର ହୋଇଥାଏ । ଫଳରେ ମୁହଁରେ ବ୍ରଣ ଉଠି ନ ଥାଏ ।



## ଆଜିର ଚିନ୍ତନ

ଦେବତ୍ୱ ଓ ଅସୁରତ୍ୱ ଏହି ସଂସାରରେ ସବୁଠି ରହିଛି । ମାନବର ଅନ୍ତରରେ ମଧ ଏହାର ଅବସ୍ଥିତି ରହିଆସିଛି । ଦେବତ୍ୱ ଓ ଅସୁରତ୍ୱ, ଏହି ଦୁଇରୁ ଯିଏ ଯାହା ବରଣ କରେ, ସିଏ ତାହା ପାଇଥାଏ ବା ସେହିପରି ହୋଇଥାଏ । ବାହ୍ୟ ଜଗତରେ ରହିଥିବା ସନ୍ଥ ଓ ଦୁଷ୍ଟଙ୍କଭଳି ଦେବତ୍ୱ ଓ ଅସୁରତ୍ୱର ପ୍ରବୃତ୍ତି ଅନ୍ତଃକରଣରେ ମଧ ବିଦ୍ୟମାନ । ଏହି ଦୁଇ ମଧ୍ୟରୁ ବ୍ୟକ୍ତି ଯାହାକୁ ଆପଣେଇ ନିଏ, ଆଚରଣ କରେ, ବ୍ୟକ୍ତିଠାରେ ତାହା ବଢ଼ିଯାଏ । ଏହା ଫଳରେ ବ୍ୟକ୍ତିର ବିଚାର ଏବଂ କ୍ରିୟାକଳାପ ସେହି ଅନୁରୂପ ହୋଇଯାଏ । ଆସୁରୀ ଅଭିରୁଚି ସମ୍ପନ୍ନ ବ୍ୟକ୍ତି ଆସୁରୀ ସ୍ତରର ବିଚାର ଓ କ୍ରିୟାରେ ବୃଦ୍ଧି ରହେ । ଫଳସ୍ୱରୂପ ସେ ଜୀବନରେ ଓ ଜୀବନ କ୍ରମରେ ସେହି ଦିଗରେ ଅଗ୍ରସର ହୁଏ । ଏହି ସିଦ୍ଧାନ୍ତ ଦେବସୁଲଭ ଅଭିରୁଚିସମ୍ପନ୍ନ ବ୍ୟକ୍ତିଙ୍କ କ୍ଷେତ୍ରରେ ମଧ ସତ୍ୟ । ଅର୍ଥାତ୍ ଆସ୍ଥା ସଦ୍‌ଗୁଣସମ୍ପନ୍ନ ହେଲେ ଆକାଂକ୍ଷା ଦେବସୁଲଭ ହୋଇଯାଏ ଓ ଫଳସ୍ୱରୂପ ମନ ଓ ବୁଦ୍ଧିର ପ୍ରବାହ ସେହି ଦିଗରେ ବଢ଼ିବାରେ ଲାଗେ । ଫଳତଃ ମାନବ ଭିତରେ ଦେବତ୍ୱର ଉଦୟ ହୁଏ । ଯଦି ଆସ୍ଥା ତମୋଗୁଣୀ ହୁଏ, ତେବେ ମାନବ ଭିତରେ ଆସୁରୀ ପ୍ରବୃତ୍ତି ବଢ଼ିଚାଲେ ଓ ବ୍ୟକ୍ତି ନରପାମର, ନରପିଶାଚ ହୋଇଯାଏ ।

ଅଦ୍ୱୈତ ତତ୍ତ୍ୱବିଜ୍ଞାନ ପରବ୍ରହ୍ମକୁ ଆତ୍ମଦେବ ରୂପରେ ଦେଖିଥାଏ । 'ସର୍ବଂ ବ୍ରହ୍ମମୟମ୍' ଆଧାରରେ ସୋଽହମ୍, ଶିବୋଽହମ୍, ସଚ୍ଚିଦାନନ୍ଦୋଽହମ୍, ଅୟମାତ୍ମବ୍ରହ୍ମ, ତତ୍ତ୍ୱମସି ଆଦି ସୂତ୍ରରେ ଆତ୍ମା ଓ ପରମାତ୍ମା ଭିତରେ ଅଭିନ୍ନତା ପ୍ରତିପାଦନ କରାଯାଇଛି । ଜୀବ ସ୍ଥିତି ସେତେବେଳଯାଏ ରହିଥାଏ, ଯେତେବେଳଯାଏ ମଳ, ଆବରଣ, ବିକ୍ଷେପାଦି ରହିଥାଏ । ଅନ୍ତଃକରଣରେ କଷାୟ କଲ୍ମଷ ଆବରଣ ରୂପରେ ଚଢ଼ି ରହିଥାଏ । ଏହିସବୁ ବିକାରର ନିରାକରଣ ହୋଇଗଲେ ନିଃସନ୍ଦେହ ପରିଷ୍କୃତ ଆତ୍ମା ପରମାତ୍ମାରେ ପରିଣତ ହୋଇଯାଏ । ତତ୍ତ୍ୱଦର୍ଶୀଗଣ ସର୍ବଦା କହି ଆସିଛନ୍ତି, ଈଶ୍ୱରୀୟ ତତ୍ତ୍ୱ ଓ ମହତ୍ତ୍ୱ ନର ମଧ୍ୟରେ ବୀଜ ରୂପରେ ବିଦ୍ୟମାନ । ଯଦି ତାକୁ ବିକଶିତ କରାଯାଏ, ତେବେ ନର ମଧ୍ୟରେ ନାରାୟଣର ଛବି ସ୍ପଷ୍ଟ ହୋଇଯାଏ । ତେଣୁ ତ କୁହାଯାଇଛି - ଆତ୍ମପରିଶୋଧନ ହିଁ ପ୍ରକୃତ ସାଧନା । ବ୍ୟକ୍ତି ନିଜର ଶାରୀରିକ, ମାନସିକ ଓ ଭାବନାତ୍ମକ ମଳିନତାକୁ ପରିଷ୍କାର କରିଦେଲେ ସେ ଶୁଦ୍ଧ ବୁଦ୍ଧ ଚୈତନ୍ୟ ସ୍ୱରୂପ ଆତ୍ମାରେ ରୂପାନ୍ତରିତ ବା ଉଦ୍‌ଘାଟିତ ହୋଇଯାଏ ଏବଂ ଜୀବ ଶିବରେ ପରିଣତ ହୋଇଯାଏ । ଏଥିପାଇଁ ଆତ୍ମଦେବଙ୍କ ଉପାସନା-ସାଧନା କରାଯାଏ ।

ଏହି ଆତ୍ମଦେବ ସାଧନାର ଅନେକ ପ୍ରବିଧି ରହିଛି । ଏହି କ୍ରମରେ ଏକ ହେଉଛି ନିରାକାର ସାଧନା, ଯେଉଁଥିରେ ନିଜର ପ୍ରତିଟି କଣିକାକୁ ନୀଳବର୍ଣ୍ଣ ପ୍ରଭାଜ୍ୟୋତିରେ ଜ୍ୟୋତିର୍ମୟ ଦେଖିବାର ଅଭ୍ୟାସ କରାଯାଏ । ଏହି କ୍ରମରେ ଅନୁଭବ କରାଯାଏ ଯେ, ସେହି ଦିବ୍ୟ ଓ ପ୍ରଖର କିରଣ ଶରୀରର ପ୍ରତ୍ୟେକ ଲୋମକୂପରେ ପ୍ରବେଶ କରୁଛି, ମନସ୍ତିତାକୁ ପ୍ରଖର କରୁଛି, ଅନ୍ତରାତ୍ମାରେ (ଭାବସଂସ୍ଥାନରେ) ପ୍ରବେଶ କରି ଆତ୍ମଶକ୍ତିକୁ ଉଜ୍ଜୀବିତ କରୁଛି ।

ଉପାସନା –ସାଧନାର ପ୍ରକ୍ରିୟା କଳ୍ପନା ଓ ଭାବନାର ସ୍ତରରେ ସମ୍ପନ୍ନ କରିବାକୁ ପଡ଼େ । ଏଥିରେ ଭାବନା ଯେତିକି ପ୍ରଗାଢ଼ ହୁଏ, ସାଧନା ସେତିକି ସୁଦୃଢ଼, ସଘନ, ସଫଳ ହୋଇଥାଏ । କଳ୍ପନା – ଭାବନାର ପ୍ରୟୋଗ ବିନା କୌଣସି ଆଧ୍ୟାତ୍ମିକ ସାଧନା ସମ୍ଭବ ହୁଏନାହିଁ । ତେଣୁ ଏ ଦିଗରେ ପାଦ ରଖିବା ପୂର୍ବରୁ ନିଜ ଭିତରେ କୌଣସି ଖରାପ ଅଭ୍ୟାସ ଥିଲେ ତାକୁ ଠିକ୍ କରି ନିଜ ଭିତରେ ଦେବସୁଲଭ ଗୁଣର ବିକାଶ କରିବା ଦରକାର । ଏହାପରେ ଭାବନାକୁ ପ୍ରଗାଢ଼, ପରିଷ୍କୃତ, ପ୍ରଖର, ସୂକ୍ଷ୍ମତର କରି ଉପାସନା କରିବା ଦରକାର । ସାଧନାର ପ୍ରତିଫଳ ତେବେ ପ୍ରାପ୍ତ ହୁଏ ଯେବେ ତାକୁ ସମ୍ପୂର୍ଣ୍ଣ ନିଷ୍ଠା ସହିତ କରାଯାଏ । ଆତ୍ମଦେବଙ୍କ ସାଧନା ସର୍ବଶ୍ରେଷ୍ଠ ସାଧନା, ଏଥିପାଇଁ ସମ୍ପୂର୍ଣ୍ଣ ତନ୍ମୟତା ଆବଶ୍ୟକ ହୋଇଥାଏ ।

ସ୍ୱୀକାର

ବର୍ଷ ୨୮, ସଂଖ୍ୟା - ୨୫, ୨୩ - ୨୯ ଜୁନ୍ ୨୦୨୪

# ବନୀକରଣର ଆବଶ୍ୟକତା

**ପ**ଞ୍ଚ ମହାଭୂତ– ପୃଥିବୀ, ଜଳ, ତେଜ, ବାୟୁ ଓ ଆକାଶକୁ ନେଇ ସମଗ୍ର ପ୍ରକୃତିର ସୃଷ୍ଟି । ଆଜି ପ୍ରକୃତିର ସମସ୍ତ ଉପାଦାନ ପ୍ରଦୂଷିତ । ବୈଜ୍ଞାନିକମାନଙ୍କ ଆକଳନ ଅନୁଯାୟୀ, ପରିବେଶ ପ୍ରଦୂଷଣ ପାଇଁ ଏହି ପୃଥିବୀରୁ ଦିନେ ସମସ୍ତ ପ୍ରାଣୀ ନିଶ୍ଚିହ୍ନ ହୋଇଯିବେ । ଅସଂଖ୍ୟ କଳକାରଖାନାରୁ ନିର୍ଗତ ବିଷାକ୍ତ ଗ୍ୟାସ୍ ଦ୍ୱାରା ବାୟୁମଣ୍ଡଳ ପ୍ରଦୂଷିତ ହେଉଥିବା ବେଳେ ସେଗୁଡ଼ିକରୁ ବାହାରୁଥିବା ବର୍ଜ୍ୟବସ୍ତୁ ଜଳାଧାରରେ ପ୍ରବେଶ କରି ଜଳକୁ ପ୍ରଦୂଷିତ କରୁଛି । ରାସାୟନିକ ସାରର ବହୁଳ ପ୍ରୟୋଗ ଏବଂ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ମାଟିକୁ ପ୍ରଦୂଷିତ କରୁଛି ଓ କୃତ୍ରିମ ଉଚ୍ଚ ଶବ୍ଦ ସୃଷ୍ଟି ଆକାଶକୁ ପ୍ରଭାବିତ କରୁଛି । ଏହସହ ସମ୍ପ୍ରତି ପୃଥିବୀର ତାପମାତ୍ରା ବଢ଼ିଚାଲିଛି । ମେରୁ ଅଞ୍ଚଳରେ ଗ୍ଲାସିୟର ତରଳିବା ଆରମ୍ଭ ହୋଇଛି ଓ ଏହାଦ୍ୱାରା ସମୁଦ୍ରର ଜଳପତ୍ତନ ବଢ଼ି ପ୍ରଳୟ ସୃଷ୍ଟି ହେବ ବୋଲି ବୈଜ୍ଞାନିକମାନେ ଚେତାବନୀ ଦେଲେଣି । ସମୁଦ୍ର ଉପକୂଳବର୍ତ୍ତୀ ସହରଗୁଡ଼ିକ ଜଳପ୍ଲାବିତ ହେବ ଓ ପୃଥିବୀ ଧ୍ୱଂସାଭିମୁଖୀ ହେବ ବୋଲି ଆଶଙ୍କା ପ୍ରକାଶ ପାଇଲାଣି । ଏହି ତାପମାତ୍ରା ବୃଦ୍ଧିର ଏକମାତ୍ର କାରଣ ହେଉଛି ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ବୃଦ୍ଧି । ବିକାଶ ନାମରେ ଶିଳ୍ପାୟନ ଓ କଳକାରଖାନାର ସଂଖ୍ୟା ବୃଦ୍ଧି ଏହାର ମୁଖ୍ୟ କାରଣ । ଗଛ ଅଙ୍ଗାରକାମ୍ଳ ଶୋଷିନିଏ ଏବଂ ପ୍ରତିଦାନରେ ଅମ୍ଳଜାନ ପ୍ରଦାନ କରେ । ମାତ୍ର ମଣିଷ ଶିଳ୍ପାୟନ ପାଇଁ ରାସ୍ତା ପ୍ରଶସ୍ତୀକରଣ ନିମନ୍ତେ ଲକ୍ଷ ଲକ୍ଷ ଗଛ କଟିବାରେ ଲାଗିଛି । ପ୍ରଚୁର ଗଛଥିଲେ ସେଗୁଡିକ ଅଙ୍ଗାରକାମ୍ଳକୁ ଶୋଷିନିଅନ୍ତି । ମାତ୍ର ଜଙ୍ଗଲ କମିବା ଦ୍ୱାରା ତାହା ସମ୍ଭବ ହେଉ ନାହିଁ । ଫଳରେ ପୃଥିବୀର ତାପମାତ୍ରା ବଢୁଛି । ନୂତନ ବନୀକରଣ ନାମରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି, ମାତ୍ର ସେହି ଅନୁପାତରେ ଜଙ୍ଗଲ ସୃଷ୍ଟି ହୋଇପାରୁ ନାହିଁ । ଗ୍ଲୋବାଲ ୱର୍ମିଂ (ବିଶ୍ୱତାପନ) କାରଣରୁ ଜଳବାୟୁ ପରିବର୍ତ୍ତନ, ଭୂତଳଜଳ ହ୍ରାସ, ମୃତ୍ତିକାକ୍ଷୟ ଆଦି ବିପର୍ଯ୍ୟୟ ସୃଷ୍ଟି ହେଉଛି । ଏହା ଦ୍ୱାରା କେବଳ ମଣିଷ ନୁହନ୍ତି ପଶୁ ପକ୍ଷୀ, ଜଳଚର ଜୀବ ଓ ଉଦ୍ଭିଦଜଗତ ମଧ ପ୍ରଭାବିତ ହେଉଛନ୍ତି । ସବୁଠୁ ଚିନ୍ତାଜନକ ବିଷୟ ହେଉଛି ବ୍ୟାପକ ବୃକ୍ଷଛେଦନ ଫଳରେ ଅମ୍ଳଜାନର ଅଭାବ ଅନୁଭୂତ ହେଲାଣି । ଫଳରେ ଦିଲ୍ଲୀ, ମୁମ୍ବାଇ ଆଦି ସହରରେ ଅମ୍ଳଜାନ ପାର୍ଲର ଖୋଲିଲାଣି । ଚାଇନାର ରାଜଧାନୀ ବେଜିଂରେ ୧୮ ଡଲାରରେ ଏକ ଲିଟର ଅମ୍ଳଜାନ ବିକ୍ରି ହେଉଛି । ଏଣୁ ଆଗାମୀ ଦିନରେ ବାହାରକୁ ଗଲେ ପାଣି ବୋତଲ ସହ ଅମ୍ଳଜାନ ଥଳି ଧରି ଯିବାକୁ ପଡ଼ିପାରେ । ପରିବେଶକୁ ପ୍ରଦୂଷଣମୁକ୍ତ କରିବା ପାଇଁ ଏକ ସଫଳ ବନୀକରଣ ଯୋଜନାର ଆବଶ୍ୟକତା ଅଛି । ଏଥିପାଇଁ ଗଛକୁ ଭଲ ପାଇବାକୁ ହେବ । ନିଜର ସନ୍ତାନସନ୍ତତି ଭଳି ଗଛଗୁଡ଼ିକୁ ଯତ୍ନ ନେବାକୁ ପଡ଼ିବ । ଶୀତତାପ ନିୟନ୍ତ୍ରିତ କୋଠରି ମଧ୍ୟରେ ବସି ଜଙ୍ଗଲ କ୍ଷୟ ରୋକିବା ପାଇଁ ନୀତି ନିର୍ଦ୍ଧାରଣ କଲେ ଜଙ୍ଗଲ କ୍ଷୟ ବନ୍ଦ ହୁଏ ନାହିଁ । ଏଥିପାଇଁ ଆବଶ୍ୟକ ଆନ୍ତରିକ ଉଦ୍ୟମ ଆବଶ୍ୟକ । ୧୭୩୦ ମସିହା କଥା । ଯୋଧପୁର ମହାରାଜ ଗୋଟିଏ ନୂତନ ମହଲ ନିର୍ମାଣ କରିବା ପାଇଁ ଯୋଜନା କଲେ । ଆବଶ୍ୟକ ହେଲା ଶକ୍ତକାଠ । କିନ୍ତୁ ସେତେବେଳେ ଯୋଧପୁର ସହରରେ ଗଛର ଅଭାବ ଥାଏ । ରାଜାଙ୍କ ଆଦେଶରେ ରାଜ କର୍ମଚାରୀମାନେ ପ୍ରଚୁର ବଡ଼ ଗଛ ଥିବା ଏକ ଗାଁରେ ପହଞ୍ଚିଲେ । ଯେତେବେଳେ ଜଣେ ରାଜକର୍ମଚାରୀ ଗୋଟିଏ ଗଛ ଉପରେ କୁରାଢ଼ି ଚୋଟ ପକାଇଲେ, ଚମକି ପଡ଼ିଲେ ନିକଟସ୍ଥ ଗୃହର ବାସିନ୍ଦା ଅମୃତା ଦେବୀ । ଘର ଭିତରେ ସେ ରାନ୍ଧୁଥିଲେ । ରାନ୍ଧିବା ଛାଡ଼ି ସେ ଦୌଡ଼ିଗଲେ ରାଜକର୍ମଚାରୀଙ୍କ ନିକଟକୁ ଓ କହିଲେ, ତୁମେ ଇଏ କ'ଣ କରୁଛ ? ଆମ ଗାଁରେ ଗଛ କାଟିବା ଅଧର୍ମ । ଆମେ କେବେ ଗଛ କାଟୁନା କିମ୍ବା କାହାକୁ କାଟିବାକୁ ଦେଉନା । ମାତ୍ର ରାଜାଙ୍କ ଆଦେଶରେ ଏହି ଗଛକଟା ହେଉଛି କହି ରାଜକର୍ମଚାରୀ ପୁଣି କୁରାଢ଼ି ଉଠାଇଲେ । ଅମୃତା ଦେବୀ ଗଛଟିକୁ କୁଣ୍ଢାଇ ପକେଇଲେ । ତାଙ୍କ ବେକରେ କୁରାଢ଼ି ଚୋଟ ବସିଲା । ତାଙ୍କ ମୁଣ୍ଡ ତଳେ ଲୋଟିଲା । ଅମୃତାଦେବୀଙ୍କର ଥିଲେ ତିନି ଝିଅ । ଜଣକ ପରେ ଜଣେ ଆସି ଗଛକୁ କୁଣ୍ଢାଇ ଧରିଲେ ଓ ସମସ୍ତଙ୍କ ମୁଣ୍ଡ କାଟ ହେଲା । ଏ ଖବର ଚାରିଆଡ଼େ ବ୍ୟାପିଗଲା । ସମସ୍ତ ଗ୍ରାମବାସୀ ପହଞ୍ଚିଲେ ଓ ଗଛକୁ ଜାବୁଡ଼ି ଧରିଲେ । ତିନିଶହ ତେଷଠି ମୁଣ୍ଡ କଟିଲା । ଖବର ପହଞ୍ଚିଲା ରାଜାଙ୍କ ପାଖରେ । ରାଜା ଆସିଲେ ଓ ଲୋକଙ୍କ ପାଖରେ କ୍ଷମା ପ୍ରାର୍ଥନା କଲେ । ପରିବେଶ ସୁରକ୍ଷା ପାଇଁ ଅମୃତା ଦେବୀଙ୍କ ବଳିଦାନ ଇତିହାସରେ ଲିପିବଦ୍ଧ ହୋଇ ରହିଛି ।

ସଂପ୍ରତି ଉଚ୍ଚପଦ ଓ ସୁଖ ସମ୍ଭୋଗର ଜୀବନକୁ ତୁଚ୍ଛ କରି ଗୋଟିଏ ଆଦିବାସୀ ଅଧୁଷିତ ଗାଁରେ ରହିଛନ୍ତି ଓ ପରିବେଶର ସୁରକ୍ଷା ପାଇଁ ବନୀକରଣ କାର୍ଯ୍ୟରେ ନିଜକୁ ଉତ୍ସର୍ଗ କରିଛନ୍ତି ଦିଲ୍ଲୀ ଆଇଆଇଟିର ପ୍ରାକ୍ତନ ପ୍ରଫେସର (ଇଲେକ୍ଟ୍ରିକାଲ ଇଂଜିନିୟରିଂ ବିଭାଗ) ଡ.ଆଲୋକ ସାଗର । ୧୯୮୨ ମସିହାରୁ ପ୍ରଫେସର ପଦ ତ୍ୟାଗ କରି ସେ ରହୁଛନ୍ତି ମଧ୍ୟପ୍ରଦେଶର ଏକ ଆଦିବାସୀ ଅଧୁଷିତ ଗାଁ କୋଚୁମାରେ । ସେଠି ଭଲ ରାସ୍ତା ନାହିଁ କି ବିଜୁଳି ଆଲୁଅର ସୁବିଧା ନାହିଁ । ସେଠି ସେ ବିତାଉଛନ୍ତି ଏକ ସରଳ ଜୀବନ । ଆଦିବାସୀ ଭାଇଭଉଣୀଙ୍କ ସହ ମିଶି ଆଜି ପର୍ଯ୍ୟନ୍ତ ସେ ୫୦ ହଜାରରୁ ଅଧିକ ଗଛ ଲଗାଇଲେଣି । ସେ ପିନ୍ଧନ୍ତି ଏକ କୁର୍ତ୍ତା, ଚଢନ୍ତି ସାଇକେଲ । ଦିନସାରା ସାଇକେଲରେ ବୁଲି ଆଦିବାସୀମାନଙ୍କ ଘରେ ପହଞ୍ଚନ୍ତି ଓ ଚାରା ବାଣ୍ଟନ୍ତି । ଆଲୋକ ସାଗରଙ୍କ ଭଳି ସମସ୍ତେ ବନୀକରଣ ପାଇଁ ଉତ୍ସର୍ଗୀକୃତ ହେଲେ ପରିବେଶ ପ୍ରଦୂଷଣ କମିବ ଓ ଜୀବଜଗତ ଅକାଳ ଧ୍ୱଂସରୁ ରକ୍ଷାପାଇବ । ଆଜିର ଆବଶ୍ୟକତା ପୂରଣ କରିବା ପାଇଁ ଆମେ ପ୍ରକୃତିକୁ ଶୋଷଣ କରୁଥିବାରୁ ପ୍ରକୃତି ଆମ ଉପରେ ପ୍ରତିହିଂସ ପରାୟଣ ହେଉଛି । ମହାତ୍ମା ଗାନ୍ଧୀ କହୁଥିଲେ :- The earth provides enough to satisfy man's need, but not every man's greed. ଏହି ବାଣୀକୁ ମନେରଖିଲେ ପରିବେଶକୁ ସ୍ୱଚ୍ଛ ଓ ନିର୍ମଳ ରହିବ । ଗାନ୍ଧିଜୀଙ୍କ ଏହି ବାଣୀ ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ହେଉ । ପ୍ରାଚୀନ କାଳରେ ଲୋକେ ସ୍ୱତଃପ୍ରବୃତ୍ତ ଭାବରେ ବୃକ୍ଷରୋପଣ କରୁଥିଲେ ।

ବୃକ୍ଷଲତାଗୁଡ଼ିକୁ ଧର୍ମ ସହ ସଂଯୁକ୍ତ କରାଯାଉଥିଲା । ଭଗବଦ୍ ଗୀତାରେ ଭଗବାନ୍ କହିଛନ୍ତି : ବୃକ୍ଷମାନଙ୍କ ମଧ୍ୟରେ ଅଶ୍ୱତ୍ଥ, ତୁଳସୀ, ବିଲ୍ୱ, କଦମ୍ବ, ରୁଦ୍ରାକ୍ଷ, ଚମ୍ପା, ବକୁଳ ଆଦି ଗଛ ଓ ସେଗୁଡିକର ପତ୍ର ଏବଂ ଫୁଲ ସହ ଧାର୍ମିକ ଭାବନା ଜଡିତଥିବାରୁ ଜନସାଧାରଣ ସ୍ୱତଃପ୍ରବୃତ୍ତ ଭାବରେ ଗଛ ଲଗାଉଥିଲେ । ତଦ୍ୱାରା ପରିବେଶ ସୁରକ୍ଷା ରହୁଥିଲା । ଆଧୁନିକ ମଣିଷ ଏହି ଧର୍ମ ଭାବନାରୁ ମଧ ଦୂରେଇ ଗଲାଣି । ବସ୍ତୁବାଦୀ ଓ ଭୋଗବାଦୀ ହୋଇ ସେ ପ୍ରକୃତିକୁ ଲୁଣ୍ଠନ କରୁଛି ଓ ପରିଣତି ସ୍ୱରୂପ ଜଳବାୟୁ ପରିବର୍ତ୍ତନ ଦ୍ୱାରା ନିଜର ବିନାଶକୁ ଆମନ୍ତ୍ରଣ କରୁଛି । ଆସନ୍ତୁ, ସମସ୍ତେ ଏକ ସଂକଳ୍ପ ନେବା ଅଧିକରୁ ଅଧିକ ବୃକ୍ଷରୋପଣ କରି ପୃଥିବୀ ମାତା'ର ଉଷ୍ମତାକୁ ପ୍ରଶମିତ କରିବା ଏବଂ ପରିବେଶକୁ ସୁସ୍ଥ, ସୁନ୍ଦର ଓ ସବୁଜିମା କରିବା ।

# ସରକାର

## ମହାତ୍ମା ଗାନ୍ଧୀ



**କୌ**ଣସି ସରକାର କଦାପି ସମ୍ପୂର୍ଣ୍ଣ ଅହିଂସ ହେବାରେ ସାଫଲ୍ୟ ଲାଭ କରି ପାରିବ ନାହିଁ, କାରଣ ତାହାକୁ ସବୁ ବ୍ୟକ୍ତିଙ୍କର ପ୍ରତିନିଧିତ୍ୱ କରିବାକୁ ପଡ଼ିବ । ମୁଁ ବର୍ତ୍ତମାନ ସେପରି ଏକ ସ୍ୱର୍ଣ୍ଣଯୁଗର କୌଣସି କଳ୍ପନା କରି ପାରୁନାହିଁ । ମାତ୍ର, ମୁଖ୍ୟତଃ ଅହିଂସଭାବରେ ପରିଚାଳିତ ହେଉଥିବା ଏକ ସମାଜର ସମ୍ଭବ ହେବା ବିଷୟରେ ମୋ'ର ଅବଶ୍ୟ ବିଶ୍ୱାସ ରହିଛି । ମୁଁ ତାହାରି ସକାଶେ କାର୍ଯ୍ୟ କରୁଛି ।

ଏକ ଆଦର୍ଶ ସମାଜରେ କୌଣସି ସରକାର ରହିବ କି ନାହିଁ, ବର୍ତ୍ତମାନ ସେହି ପ୍ରଶ୍ନଟି ବାକି ରହିଛି । ବର୍ତ୍ତମାନ ଆମେ ସେହି ପ୍ରଶ୍ନଟିକୁ ନେଇ ମଥା ଘୂରାଇବାକୁ ମୁଁ ଉଚିତ ମନେ କରୁନାହିଁ । ଏହିପରି ଏକ ସମାଜର ପ୍ରତିଷ୍ଠା ନିମନ୍ତେ ଯଦି ଆମେ ଅବିଚ୍ଛିନ୍ନଭାବରେ କାର୍ଯ୍ୟ କରିବା ତେବେ ତାହା ଧୀରେ ଧୀରେ ବାସ୍ତବ ମଧ ହୋଇ ଆସିବ ଏବଂ ଲୋକମାନେ ତଦ୍ଦ୍ୱାରା ଉପକୃତ ବି ହୋଇ ପାରିବେ । ଇଉକ୍ଲିଡ୍‌ଙ୍କର ସଂଜ୍ଞା ଅନୁସାରେ ଗୋଟିଏ ରେଖାର ଆଦୌ କୌଣସି ପ୍ରସ୍ଥ ନାହିଁ, ମାତ୍ର ଏପର୍ଯ୍ୟନ୍ତ କୌଣସି ବ୍ୟକ୍ତି ସେଭଳି ରେଖାଟିଏ ଟାଣି ପାରିନାହିଁ, କେବେ ମଧ ଟାଣି ପାରିବ ନାହିଁ । ତଥାପି, ଆଦର୍ଶ ରେଖାଟିକୁ ମନ ଭିତରେ ରଖୁ ହିଁ ଆମେ ଜ୍ୟାମିତିରେ ଅଗ୍ରଗତି କରିପାରିଛୁ । ଏହି କ୍ଷେତ୍ରରେ ଯାହା ସତ, ପ୍ରତ୍ୟେକ ଆଦର୍ଶର କ୍ଷେତ୍ରରେ ମଧ ସେହି କଥା ସତ୍ୟ ହେବ ।

ଏହି କଥାଟିକୁ ଅବଶ୍ୟ ସ୍ମରଣ ରଖିବା ଉଚିତ ଯେ, ପୃଥିବୀରେ ଏପରି କୌଣସି ରାଷ୍ଟ୍ର ନାହିଁ ଯିଏକି ଏକ ସରକାର ବିନା ଚାଲୁଛି । ଯଦି ତାହା ଆଦୌ କେବେ ସମ୍ଭବ ହୁଏ, ତେବେ ତାହା ଭାରତବର୍ଷରେ ହିଁ ହେବ ; କାରଣ କେବଳ ଆମର ଏହି ଦେଶଟିରେ ସେହି ଦିଗରେ ପ୍ରୟାସ ମଧ ହୋଇଛି । ସେଥିଲାଗି ଯେଉଁ ପରିମାଣରେ ସାହସ ରହିଥିବା ଆବଶ୍ୟକ ଏବଂ ସେହି ସାହସ ହାସଲ କରିବା ନିମନ୍ତେ ଯେ କେବଳ ଗୋଟିଏ ମାର୍ଗ ରହିଛି, ଆମେ ଏପର୍ଯ୍ୟନ୍ତ ତାହା ଦେଖାଇଦେଇ ପାରିନାହୁଁ । ଯେଉଁମାନଙ୍କର ଏଥରେ ବିଶ୍ୱାସ ରହିଛି, ସେମାନଙ୍କୁ ତାହା ଦେଖାଇ ଦେବାକୁ ହେବ । ସେଥିପାଇଁ ମୃତ୍ୟୁର ଭୟକୁ ସମ୍ପୂର୍ଣ୍ଣରୂପେ ତ୍ୟାଗ କରିବାକୁ ହେବ । ଆମେ ଜେଲ୍ ଯିବାର ଭୟକୁ ଯେପରି ତ୍ୟାଗ କରିଛୁ, ଠିକ୍ ସେହିପରି ।

ଯୁଦ୍ଧର ବିଜ୍ଞାନ ମଣିଷକୁ ନଗ୍ନ ଏକାଧାନାୟକତ୍ୱ ଆଡ଼କୁ ପରିଚାଳିତ କରି ନେଇଯାଏ । କେବଳ ଅହିଂସାର ବିଜ୍ଞାନ ହିଁ ଆମକୁ ବିଶୁଦ୍ଧ ଗଣତନ୍ତ୍ର ଆଡ଼କୁ ନେଇଯାଇ ପାରିବ ।

ଗଣତନ୍ତ୍ର ଏବଂ ହିଂସା କଦାପି ସହାବସ୍ଥାନ କରି ପାରନ୍ତି ନାହିଁ । ବର୍ତ୍ତମାନ ଯେଉଁ ରାଷ୍ଟ୍ରମାନଙ୍କରେ ନାମକୁ ମାତ୍ର ଗଣତନ୍ତ୍ର ରହିଛି, ସେଗୁଡ଼ିକୁ ହୁଏତ ଖୋଲାଖୋଲି ଏକ ଦଳୀୟ ଶାସନକୁ ସ୍ୱୀକାର କରିନେବାକୁ ପଡ଼ିବ ଅଥବା, ସେମାନେ ଯଦି ପ୍ରକୃତରେ ଗଣତନ୍ତ୍ର ଦ୍ୱାରା ଶାସିତ ହେବାକୁ ଇଚ୍ଛା କରୁଥାନ୍ତି, ତେବେ ସେମାନଙ୍କୁ ସାହସର ସହିତ ଅହିଂସାର ମାର୍ଗକୁ ଆସିବାକୁ ପଡ଼ିବ ।

ଜାତୀୟ ସ୍ତରରେ ଅହିଂସାକୁ ସ୍ୱୀକାର ନକରିଥିବା ପର୍ଯ୍ୟନ୍ତ କୌଣସି ବୈଧାନିକ ଅଥବା ଗଣତାନ୍ତ୍ରିକ ଶାସନ ଆଦୌ ସମ୍ଭବ ନୁହେଁ ବୋଲି ମୁଁ ମତ ପୋଷଣ କରୁଥିବାରୁ ମୁଁ ଆମ ଜୀବନର ବ୍ୟକ୍ତିଗତ, ସାମାଜିକ, ରାଜନୀତିକ, ଜାତୀୟ ତଥା ଆନ୍ତର୍ଜାତିକ ସକଳ କ୍ଷେତ୍ରର ଜୀବନରେ, ଅହିଂସାକୁ ହିଁ ବିଧାନରୂପେ ଗ୍ରହଣ କରି ନିଆଯାଉ ବୋଲି ପ୍ରଚାର କରିବାର ଉଦ୍ୟମ କରିବାରେ ଲାଗିଛି ।

ମୁଁ ଅନୁମାନ କରୁଛି ଯେ ଯେତେ କ୍ଷୀଣ ହେଲେ ମଧ ମୁଁ ଆଲୋକଟିକୁ ଅବଶ୍ୟ ଦେଖିଛି । ଏହି କଥାଟିକୁ ମୁଁ ଅତ୍ୟନ୍ତ ସଚେତନଭାବରେ ଲେଖୁଛି, କାରଣ ପରମ ବିଧାନଟିକୁ ମୁଁ ସମ୍ପୂର୍ଣ୍ଣଭାବରେ ଜାଣିଛି ବୋଲି କଦାପି ଦାବି କରୁନାହିଁ । ମୋ' ପ୍ରୟୋଗଗୁଡ଼ିକର ସଫଳତାଗୁଡ଼ିକୁ ମୁଁ ଜାଣିଛି, ବିଫଳତାଗୁଡ଼ିକୁ ମଧ ଜାଣିଛି । ମାତ୍ର, ପ୍ରାପ୍ତ ସଫଳତାଗୁଡ଼ିକ ଏତେ ଯଥେଷ୍ଟ ଯେ, ସେମାନେ ମୋତେ ଏକ ଅନନ୍ତ ଆଶାରେ ପୂର୍ଣ୍ଣ କରି ରଖିଛନ୍ତି ।

ମୁଁ ଅନେକ ସମୟରେ କହିଛି ଯେ, ଯଦି ଆମେ ପଥଗୁଡ଼ିକ ବିଷୟରେ ସଚେତନ ରହିଥିବା ତେବେ ଲକ୍ଷ୍ୟଟି ତା' ନିଜ କଥା ଅବଶ୍ୟ ବୁଝିବ । ଅହିଂସା ହେଉଛି ପଥ, ପୂର୍ଣ୍ଣ ସ୍ୱାଧୀନତା ହେଉଛି ପ୍ରତ୍ୟେକ ବ୍ୟକ୍ତିର ଲକ୍ଷ୍ୟ । ସାନ ବଡ଼ ସବୁ ଜାତି ଯେତେବେଳେ ସମ୍ପୂର୍ଣ୍ଣଭାବରେ ସ୍ୱାଧୀନ ହେବେ, କେବଳ ସେତିକିବେଳେ ଯାଇ ସେମାନଙ୍କୁ ନେଇ ଏକ ଆନ୍ତର୍ଜାତିକ ସଂଘର ସ୍ଥାପନା ସମ୍ଭବ ହେବ । ସଂପୃକ୍ତ ଜାତିଗୁଡ଼ିକ ଅହିଂସାକୁ ଯେତିକି ପରିମାଣରେ ଗ୍ରହଣ କରି ପାରିଥିବେ, ସେହି ସ୍ୱାଧୀନତାର ସ୍ୱଭାବଟି ତାହାରି ମୁତାବକ ହେବାକୁ ହିଁ ବାଧ ହେବ । ମାତ୍ର, ଗୋଟିଏ କଥା ସଂପୂର୍ଣ୍ଣ ସୁନିଶ୍ଚିତ । ଅହିଂସାର ଆଧାର ଉପରେ ପ୍ରତିଷ୍ଠିତ ଏକ ସମାଜରେ କ୍ଷୁଦ୍ରତମ ଜାତିଟି ମଧ ଆପଣାକୁ ବୃହତ୍ତମ ଜାତି ସହିତ ସମାନ ଉଚ୍ଚ ବୋଲି ଅନୁଭବ କରୁଥିବ । ଜଣେ ଉଚ୍ଚ ଓ ଆଉ ଜଣେ ନିମ୍ନ–ଏହି ଧାରଣାଟି ସମ୍ପୂର୍ଣ୍ଣଭାବରେ ବିଲୁପ୍ତ ହୋଇଯିବ ।

ଏଥିରୁ ଏହି ଅନିବାର୍ଯ୍ୟ ସିଦ୍ଧାନ୍ତଟି ଅବଶ୍ୟ ନିଷ୍ପନ୍ନ ହେଉଛି ଯେ, ଅହିଂସାକୁ ବ୍ରତରୂପେ ଗ୍ରହଣ କରିଥିବା ମୋ' ପରି ଜଣେ ବ୍ୟକ୍ତି ନିମନ୍ତେ, ଯେପର୍ଯ୍ୟନ୍ତ ଅହିଂସାକୁ ଏକ ଗତିଶୀଳ ଶକ୍ତିରୂପେ, ଏକ ଅଲଂଘନୀୟ ବ୍ରତରୂପେ, କେବଳ ଏକ ଫଳ ଦେଉଥିବା ସାମୟିକ ନୀତିରୂପେ ନୁହେଁ, ସ୍ୱୀକାର କରି ନିଆ ନଯାଇଛି, ସେପର୍ଯ୍ୟନ୍ତ ବୈଧାନିକ ଅଥବା ଗଣତାନ୍ତ୍ରିକ ଶାସନ ମଧ ଏକ ବହୁଦୂରବର୍ତ୍ତୀ ସ୍ୱପ୍ନବତ୍ ହୋଇ ରହିଥିବ । ମୁଁ ବିଶ୍ୱବ୍ୟାପୀ ଅହିଂସା ବିଷୟରେ କହିବୁଲୁଛି ସିନା, ମାତ୍ର ମୋ'ର ପ୍ରୟୋଗଟି କେବଳ ଭାରତବର୍ଷ ମଧ୍ୟରେ ସୀମିତ ହୋଇ ରହିଛି । ଯଦି ଏଠାରେ ତାହା ସଫଳ ହେବ, ତେବେ ପୃଥ୍ୱୀ ମଧ ଏହାକୁ ଅନାୟାସରେ ଗ୍ରହଣ କରିବ । ଏହି କ୍ଷେତ୍ରରେ ଅବଶ୍ୟ ଏକ ବିରାଟ କିନ୍ତୁ ମଧ ରହିଛି । ଏହି କୁଣ୍ଠାଟି ମୋତେ ଆଦୌ ବିବ୍ରତ କରୁନାହିଁ । ଅଭେଦ୍ୟ ଅନ୍ଧକାର ଭିତରେ ମୋ'ର ବିଶ୍ୱାସ ସର୍ବାଧିକ ପରିମାଣରେ ଉଜ୍ଜ୍ୱଳ ହୋଇ ରହିଛି ।

# ଦେହକୁ ହିତ ହଳଦୀ ଓ କ୍ଷୀର

**କ୍ଷୀ**ର ପୁଷ୍ଟିବର୍ଦ୍ଧକ, ହଳଦୀ ବିଷାଣୁ ଓ ଜୀବାଣୁନାଶକ । କ୍ଷୀରରେ ଥିବା ଏକାଧିକ ଗୁଣକାରୀ ତତ୍ତ୍ୱ ଶରୀରର ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ସହ ବିଭିନ୍ନ ରୋଗରୁ ରକ୍ଷାକରେ । ସେହିପରି ହଳଦୀ ଦେହକୁ ବିଭିନ୍ନ ସଂକ୍ରମଣ ଓ ଉପସର୍ଗରୁ ରକ୍ଷା କରେ । ସେଥିପାଇଁ ହଳଦୀମିଶା କ୍ଷୀର ଶରୀର ପାଇଁ ଅତ୍ୟନ୍ତ ହିତକାରୀ ବୋଲି ଆୟୁର୍ବେଦରେ କୁହାଯାଇଛି । ଏକ ଇଞ୍ଚ ଆକାରର ଗୋଟିଏ କଞ୍ଚା ଓ ତାଜା ହଳଦୀକୁ ସାମାନ୍ୟ ଛେଚି



ଗୋଟିଏ ଗ୍ଲାସ କ୍ଷୀରରେ ପକାନ୍ତୁ । ତାକୁ ଗରମ କରନ୍ତୁ । ଅତିକମ୍‌ରେ ୧୫ ମିନିଟ୍ ଫୁଟିବା ପରେ ତାକୁ ଛାଣି ଥଣ୍ଡା କରି ପିଅନ୍ତୁ । ହଳଦୀମିଶା କ୍ଷୀର ଆଜମା ଓ ବ୍ରୋଙ୍କାଇଟିସ୍ ରୋଗୀଙ୍କ ପାଇଁ ଅତ୍ୟନ୍ତ ଉପକାରୀ । ଏହା ତ୍ୱଚା, ଫୁସଫୁସ୍, ପ୍ରୋଷ୍ଟେଟ ଓ ଅନ୍ତନାଡି କ୍ୟାନସର ପରି ମାରାତ୍ମକ ରୋଗ ହେବାର ଆଶଙ୍କା ହ୍ରାସ କରେ । ସର୍ଦ୍ଦି ଓ କାଶରୁ ମୁକ୍ତି ମିଳେ । ନିଦ ହେଉ ନ ଥିଲେ ଅଳ୍ପ ଉଷୁମ ହଳଦୀମିଶା କ୍ଷୀର ପିଅନ୍ତୁ । ଗଣ୍ଠିବାତ ଓ ର୍‌ୟୁମାଟାଇଡ ରୋଗୀଙ୍କ ପାଇଁ ହଳଦୀମିଶା କ୍ଷୀର ଅତ୍ୟନ୍ତ ଉପକାରୀ । ରକ୍ତଶୁଦ୍ଧ କରିବାରେ ସହାୟକ । ଯକୃତକୁ ସୁସ୍ଥ ରଖେ ଏବଂ ଏହାର କାର୍ଯ୍ୟକ୍ଷମତା ବୃଦ୍ଧି କରେ । ହାଡ ଦୃଢ଼ କରେ । ଏକଜିମାରୁ ରକ୍ଷା ପାଇବା ପାଇଁ ପ୍ରତିଦିନ ଗୋଟିଏ କପ୍ ହଳଦୀମିଶା କ୍ଷୀର ପିଇବା ଉଚିତ୍ ।

# ସର୍ବେଦ

**ତୃଷ୍ଣା ଜଗ ଜିଓ୍ୱ ସାଁପିନୀ, ଖାଯ୍ୟା ସବ ଜଗ ଝାରି ।**
**ପୂର୍ଣ୍ଣ କଭୀ ହୋଓ୍ୱେ ନହାଁ, ଚିନ୍ତା ଚାହ ପସାରି ॥୦୯॥**

ଭାଷ୍ୟ - ତୃଷ୍ଣା ରୂପୀ ସର୍ପିଣୀ ସଂସାରର ସମସ୍ତ ଜୀବମାନଙ୍କୁ ଗ୍ରାସକରେ । ମାତ୍ର ତାହାର ତୃଷ୍ଣା କେବେ ଶାନ୍ତ ହୁଏନାହିଁ । ତାହା ସର୍ବଦା ନିଜ ଇଚ୍ଛା ଆଉ ଲୋଭର ଫଣା ତୋଳି ରହିଥାଏ ।

**ଲୋଭ ଧାର ବାହର ରହେ, ଜଗ ବିଷୟନ ମହଁ ରାତ ।**
**ଔର ମିଲେ କୁଛ ଔର ହୋ, ଲୋଭ ବଢ଼ତ ଦିନ ରାତ ॥୧୦॥**

ଭାଷ୍ୟ - ସଂସାରର ବିଷୟ ପ୍ରାପ୍ତି ନିମନ୍ତେ ସର୍ବଦା ଲୋଭର ଧାରା ପ୍ରବାହିତ ହୋଇ ଚାଲିଥାଏ ଓ ବିଷୟ ଅନୁରକ୍ତ ସଦାବେଳେ ପ୍ରକୃତି ବିମୁଖୀ ହୋଇଯାଏ । ତାକୁ ଅନ୍ତରର କୌଣସି ଧ୍ୟାନ ରହେନାହିଁ । ସର୍ବଦା ଭୋଗର ଇଚ୍ଛା ବଳବତୀ ହୋଇ ରହିଥାଏ । ତେଣୁ ତାକୁ କଦାପି ସନ୍ତୋଷ ମିଳେ ନାହିଁ । ଲୋଭ ଦିନକୁ ଦିନ ବଢ଼ିବାରେ ଲାଗେ । କଣ କଲେ ଆହୁରି ମିଳିବ ସେହି ଇଚ୍ଛା ସର୍ବଦା ମନ ଭିତରେ ବୃଦ୍ଧି ପାଇବାରେ ଲାଗେ । ଲୋଭୀ ପୁରୁଷ କଦାପି ସନ୍ତୁଷ୍ଟ ହୋଇପାରେ ନାହିଁ । ତେଣୁ ତାର ଚିତ୍ତ କେବେହେଲେ ଶାନ୍ତି ଲାଭ କରେନାହିଁ ।

**ତୀନ ଲୋକ କୀ ସମ୍ପଦା, ଆଯ୍ୟ ଓ୍ୱସେ ଘର ମାହିଁ ।**
**ତବହୁଁ ମନ ଶୀତଲ ନହାଁ, ଅଓ୍ୱର ମିଲନ ମନ ମାହିଁ ॥୧୧॥**

ଭାଷ୍ୟ - ତ୍ରିଲୋକର ସମ୍ପତ୍ତି ଘରକୁ ଆସିଗଲେ ସୁଦ୍ଧା ଲୋଭୀ ପୁରୁଷର ମନ ଶାନ୍ତ ଅଥବା ସନ୍ତୁଷ୍ଟ ହୁଏନାହିଁ, ବରଂ ଆହୁରି ପାଇବାର ଇଚ୍ଛା ସର୍ବଦା ଲାଗି ରହିଥାଏ ।




**ତୃଷ୍ଣା ମାର ଓ୍ୱିଓ୍ୱେକ ସେ, ଚାହ ସେ ହୋଯ୍ୟ ଅଚାହ ।**
**ତୃଷ୍ଣା ଶାନ୍ତ ନ ଭୋଗ ସେ, ଅଗିନ ଶାନ୍ତ ତୃଣ ଲାହ ॥୧୨॥**

ଭାଷ୍ୟ - ଇଚ୍ଛା ସବୁ ସନ୍ତୁଷ୍ଟ ହେଲେ ବିବେକ ଦ୍ୱାରା ତୃଷ୍ଣାର ନାଶ ହୁଏ । ତୃଷ୍ଣା ଭୋଗରେ ଶାନ୍ତ ହୁଏ ନାହିଁ, ଯେମିତି ଶୁଷ୍କତୃଣ ପ୍ରାପ୍ତ ହେଲେ ଅଗ୍ନି ଶାନ୍ତ ନ ହୋଇ ଆହୁରି ପ୍ରଜ୍ୱଳିତ ହୁଏ ।

**କାମୀ କ୍ରୋଧୀ ଲାଲଚୀ, ଭକ୍ତି ରତନ ନହିଁ ପାଯ୍ୟ ।**
**ଓ୍ୱେ ତ୍ରିଦ୍ୱନ୍ଦ୍ୱ ସନ୍ତନ ତଜୈଁ, ଭକ୍ତି ପରମ ସୁଖ ପାଯ୍ୟ ॥୧୩॥**

ଭାଷ୍ୟ - କାମୀ, କ୍ରୋଧୀ ଓ ଲୋଭୀ - ଏମାନଙ୍କୁ ଭକ୍ତିରୂପୀ ରତ୍ନ ପ୍ରାପ୍ତି ହୁଏନାହିଁ ଅର୍ଥାତ୍ ସେମାନେ ସାଧନା ଏବଂ ଯୋଗାଭ୍ୟାସର ଅଧିକାରୀ ନୁହନ୍ତି । ସନ୍ଥଜନ ଏହି ତ୍ରିଦ୍ୱନ୍ଦ୍ୱକୁ ତ୍ୟାଗକରି ଭକ୍ତିର ପରମ ସୁଖକୁ ପ୍ରାପ୍ତ କରିଥାନ୍ତି ।

**ମୋହ ପାଶ ସବ ଜିଓ୍ୱ ପଡ଼େଁ, ଘଟ ମେଁ ଭଯ୍ୟ ଅଁଧିଯ୍ୟାର ।**
**ଆପ ଆପ ଚୀହ୍ନେ ନହାଁ, ଦୁଖ ପାଓ୍ୱେ ସଂସାର ॥୧୪॥**

ଭାଷ୍ୟ - ନିଜ ଭିତରେ ଅଜ୍ଞାନ ଅନ୍ଧକାର ବସାବାନ୍ଧି ରହିଥିବାରୁ ସମସ୍ତ ଜୀବ ମୋହ ବନ୍ଧନରେ ପଡ଼ି ରହିଥାନ୍ତି । ଆତ୍ମା ନିଜକୁ ଚିହ୍ନି ପାରେନାହିଁ । ସୁତରାଂ ପ୍ରକୃତିର ମୋହ ପାଶରେ ପଡ଼ି ସଂସାରର ସମସ୍ତ ଦୁଃଖ ଭୋଗକରେ ।

**ମୋହ ମହା ଆଓ୍ୱର୍ତ୍ତ ହୈ, ତା ମହଁ ପର ସବ ଜୀଓ୍ୱ ।**
**କଭୀ ସ୍ୱର୍ଗ କଭି ନରକ ମେଁ, ନହିଁ ପାଓ୍ୱେ ନିଜ ପୀବ ॥୧୫॥**

ଭାଷ୍ୟ - ମୋହ ମହାନ୍ ଚକ୍ର ଅଟେ ଯେଉଁଥିରେ ସମସ୍ତ ଜୀବ ପଡ଼ି ରହିଛନ୍ତି । ସେମାନେ କେବେ ନର୍କ ତ କେବେ ସ୍ୱର୍ଗରେ ରହୁଥିବାରୁ ନିଜ ପ୍ରଭୁଙ୍କୁ ପ୍ରାପ୍ତ କରିପାରନ୍ତି ନାହିଁ ।

**ମୋହ ସକଲ ଜଗ ବାଁଧିଯ୍ୟା, ହମ ହମାର କେ ଫେର ।**
**ନାନା କର୍ମ ଓ୍ୱିମୋହ ମେଁ, ଜନ୍ମ ମରଣ ଦୁଖ ଘେର ॥୧୬॥**

ଭାଷ୍ୟ - ମୋହର ପ୍ରବଳ ଧାରାରେ ସଂସାରର ଜୀବ ପତିତ ହୋଇ ପ୍ରବାହିତ ହେଉଛନ୍ତି । ଜ୍ଞାନ ବିନା ମୋହ ନାଶ ହୁଏନାହିଁ । ଏହା ସନ୍ଥମାନଙ୍କର ତତ୍ତ୍ୱଜ୍ଞାନ ଅଟେ ।

**ମୋହ ଅପରଓ୍ୱଲ ଧାର ମେଁ, ବହତ ଜୀଓ୍ୱ ଜଗ ଝାର ।**
**ମୋହ ନାଶ ନହାଁ ଜ୍ଞାନ ବିନୁ, ସନ୍ତନ ତତ୍ତ୍ୱ ଓ୍ୱିଚାର ॥୧୭॥**

ଭାଷ୍ୟ - ସଂସାରର ସମସ୍ତ ଜୀବ ମୋହର ପ୍ରବଳ ଧାରରେ ପଡ଼ି ପ୍ରବହମାନ ହେଉଛନ୍ତି । ଜ୍ଞାନ ବିନା ମୋହ ନାଶ ହୋଇ ନ ଥାଏ । ଏହା ସନ୍ଥଜନମାନଙ୍କର ତତ୍ତ୍ୱଜ୍ଞାନ ଅଟେ ।

**ନିର୍ମୋହୀ ମେଁ ଜ୍ଞାନ ହୈ, ନିର୍ମୋହୀ ମେଁ ଧ୍ୟାନ ।**
**ନିର୍ମୋହୀ ମେଁ ପୁରୁଷ ହୈ, ନିର୍ମୋହୀ ନିରଓ୍ୱାନ ॥୧୮॥**

ଭାଷ୍ୟ - ଆସକ୍ତିରହିତ ହେଲେ ଜ୍ଞାନ, ଧ୍ୟାନ ଏବଂ ନିର୍ବାଣ ପଦର ଉପଲବ୍ଧି ହୋଇଥାଏ ।

**ମଦ ମଦାନ୍ଧ ଜଗଜୀଓ୍ୱ ହୈ, ପତନ ଜଗତ ମୁଖ ହୋଯ୍ୟ ।**
**ଉପର କୋ ଉଠତ ନହାଁ, ସହତ ଦୁସହ ଦୁଖ ସୋଯ୍ୟ ॥୧୯॥**

ଭାଷ୍ୟ - ଅଜ୍ଞାନ ଅନ୍ଧକାରରେ ଅବିନାଶୀ ଜୀବ ପତିତ ହୋଇ ଜଗନ୍ମୁଖୀ ଅର୍ଥାତ୍ ଜଗତ ପ୍ରତି ଆକର୍ଷିତ ହୋଇଯାଆନ୍ତି । ସେମାନେ ଜ୍ଞାନ ମାର୍ଗରେ ଅଗ୍ରସର ହୋଇପାରନ୍ତି ନାହିଁ । ତେଣୁ ସଂସାରର ଅସହ୍ୟ ଦୁଃଖକୁ ସହ୍ୟ କରିବାରେ ଲାଗନ୍ତି ।

**ଦିନ ଅଧୀନ ଉପର ଚଢ଼େ, ଗିରତ ବୁଡ଼ତ ଅଭିମାନ ।**
**ଅଭିମାନୀ ଅତି ନୀଚ ହୈ, ସବ ଅଓ୍ୱଗୁଣ ଘଟ ଖାନ ॥୨୦॥**

ଭାଷ୍ୟ - ଦୀନ ଅଧୀନ ପ୍ରକୃତିର ବ୍ୟକ୍ତି ନିଜର ସଦ୍‌ଗୁଣମାନଙ୍କ ଯୋଗୁଁ ଜୀବନରେ ଉତ୍ଥାନ କରିଥାନ୍ତି । ଅଭିମାନୀ ଆଉ ମନ୍ଦ ଆଚରଣ କରୁଥିବା ବ୍ୟକ୍ତି ପତିତ ହୋଇ ଭବସାଗରରେ ବହିଯାଏ, ଅର୍ଥାତ୍ ନିଜର ଦୁର୍ଗୁଣ ଯୋଗୁଁ ପତିତ ହୋଇ ଜୀବନକୁ ନଷ୍ଟ କରିଦିଏ । ଅଭିମାନୀ ନିକଟକୁ ସମସ୍ତ ଦୁର୍ଗୁଣ ଆସିଥାନ୍ତି । ସେଥିପାଇଁ ସେ ଅତ୍ୟନ୍ତ ନୀଚ ଅଟେ ଓ ସମସ୍ତ ଅବଗୁଣଗୁଡ଼ିକର ଖଣି ଅଟେ । ଯାହା ଫଳରେ ସେ କଦାପି ଉତ୍ଥାନ କରିପାରେ ନାହିଁ ।

**ଅଭିମାନୀ ଅଭିମାନ ମେଁ, ଗୁରୁ ସେ ଚାହତ ମାନ ।**
**ଚୌରାସୀ ଭଟକତ ଫିରୈ, ଜନ୍ମ କୀଟ କୁର ଶ୍ୱାନ ॥୨୧॥**

ଭାଷ୍ୟ - ଅଭିମାନୀ ନିଜ ଅଭିମାନରେ ଗୁରୁଙ୍କଠାରୁ ମାନ ଏବଂ ମର୍ଯ୍ୟାଦା ଚାହେଁ, ଯେଉଁଠି ଦୀନ ଅଧୀନ ତଥା ଶରଣାଗତ ହୋଇ ଶାନ୍ତିର ଇଚ୍ଛା ରଖିବା ଉଚିତ । ସେହି ମାନ ପ୍ରତିଷ୍ଠା ପ୍ରତି ଲୋଲୁପ କ୍ରୂର ବ୍ୟକ୍ତି କୀଟ ଏବଂ ଶ୍ୱାନର ଜନ୍ମପାଇ ଚଉରାଶୀ ଯୋନିରେ ଭ୍ରମଣ କରିଥାଏ ।

# ଗେଣ୍ଡୁଫୁଲର ଲାଭକାରୀ ଗୁଣ

**ଗେ**ଣ୍ଡୁଫୁଲର ରସ ହୃଦୟ ରୋଗ ଓ ଷ୍ଟ୍ରୋକ ନ ହେବା ପାଇଁ ସାହାଯ୍ୟ କରିଥାଏ । ଏହା ବ୍ୟତୀତ ଗେଣ୍ଡୁଫୁଲରେ ଥିବା କ୍ୟାରୋଟିନାଏଡ ଓ ଗ୍ଲାଇକୋସାଇଡ ପଦାର୍ଥ ଚେହେରାରେ କୁଞ୍ଚନ ଓ ବ୍ରଣକୁ ହଟେଇବାରେ ସାହାଯ୍ୟ କରିଥାଏ ।

ଗେଣ୍ଡୁଫୁଲରେ ଆଣ୍ଟି ଇନଫ୍ଲେମେଣ୍ଟ୍ରି ଗୁଣ ରହିଛି । ଏହାର ତେଲରେ ଜଏଣ୍ଟ ସ୍ଥାନକୁ ମାଲିସ କରିବା ଦ୍ୱାରା ଆର୍ଥରାଇଟିସର ବ୍ୟଥା କମ୍ ହୋଇଥାଏ ।

ଅର୍ଶ ରୋଗ ପାଇଁ ଅଳ୍ପ ଗେଣ୍ଡୁଫୁଲର ପତ୍ରକୁ ପେସି ତାର ରସରେ ଗୋଲମରିଚ ଗୁଣ୍ଡ ଓ ଲୁଣ ମିଶାଇ ପିଇଲେ ଏହି ସମସ୍ୟାରୁ ଆରାମ ମିଳିଥାଏ ।

ଗେଣ୍ଡୁ ଗଛର ପତ୍ରକୁ ମହମ ସହିତ ମିଶାଇ ଗରମ କରନ୍ତୁ । ଏହାକୁ ପାଦ ଫାଟିଥିବା ସ୍ଥାନରେ ଲଗାଇଲେ ଲାଭ ମିଳିବ ।

ଗେଣ୍ଡୁଫୁଲରେ ପ୍ରସ୍ତୁତ ତେଲ ଚେହେରାରେ ମାଲିସ କରିବା ଦ୍ୱାରା ସ୍କିନରେ ରକ୍ତ ସଞ୍ଚାର କ୍ଷମତା ବୃଦ୍ଧି ପାଇଥାଏ ଓ ସ୍କିନରେ ଚମକ ମଧ୍ୟ ଆସେ । ଗେଣ୍ଡୁ ଫୁଲର ତେଲରେ ଆର୍ଣ୍ଟିସେପ୍ଟିକ ଓ ଆଣ୍ଟିମାଇକ୍ରୋବିୟଲ ଗୁଣ ଥାଏ । ସାଧାରଣ ଘା' କିମ୍ବା ପୋଡା ଘା'ରେ ଏହି ତେଲ



ଲଗାଇଲେ ଘା' ସହଜରେ ଶୁଖିଯାଏ । ଗେଣ୍ଡୁଫୁଲରେ ତିଆରି କ୍ରିମକୁ ମଧ ଘା'ରେ ଲଗାଇ ପାରିବେ । ଯଦି କୌଣସି ପୋକ କାମୁଡିଥାଏ ତେବେ ଏହାର ତେଲ ବା କ୍ରିମ୍ ଲଗାଇଲେ ଉପକାର ମିଳିବ । ପାଚନ ପ୍ରକ୍ରିୟାରେ ଗେଣ୍ଡୁଫୁଲ ସାହାଯ୍ୟ କରେ । ଅନେକବାର ଆମେ ଅନିୟମିତ ଖାଦ୍ୟ ଓ ଫାଷ୍ଟଫୁଡ ଖାଇବା ଦ୍ୱାରା ପେଟରେ ହେଉଥିବା ଯନ୍ତ୍ରଣା ମଧ ଏହାର ସେବନ କରିବା ଦ୍ୱାରା ଦୂର ହୋଇଥାଏ । ଏସିଡିଟି ବା ବଦହଜମୀ ହୋଇଥିଲେ ଗେଣ୍ଡୁଫୁଲ ରସ ସେବନ କରନ୍ତୁ । ଏହି ସମସ୍ୟାରେ ଏହା ଫାଇଦା କରିଥାଏ । ଏହାକୁ ମିଶ୍ରି ସହିତ ଖାଇଲେ ଶ୍ୱାସ କାଶର ସମସ୍ୟା ଦୂର ହୋଇଥାଏ । ଏହାର ପାଖୁଡାକୁ ପେସି ଫୁଲିଥିବା ସ୍ଥାନରେ ଲଗାଇଲେ ଫୁଲିବା ମଧ କମିଯାଏ ।

## ଟିକିଏ ହସନ୍ତୁ

ଶିକ୍ଷକ : ପପୁ କହିଲୁ ସ୍ୱର ଆଉ ବ୍ୟଞ୍ଜନ ମଧରେ ପାର୍ଥକ୍ୟ କ'ଣ ?
ପପୁ : ସାର୍ ଏଇ କଥା, ସ୍ୱର ଆମ ପାଟିରୁ ବାହାରି ଆସେ ଏବଂ ବ୍ୟଞ୍ଜନ ପାଟି ଭିତର ଦେଇ ପେଟକୁ ଯାଏ ।

× × ×

ଚିଣ୍ଟୁ : ଆରେ ମିଣ୍ଟୁ, ମୁଁ ଗୋଟିଏ କଥା ବୁଝି ପାରୁନି ।
ମିଣ୍ଟୁ : କ'ଣ ?
ଚିଣ୍ଟୁ : ଏ ଡାକ୍ତରମାନେ ଅପରେସନ୍ କରିବା ପୂର୍ବରୁ ରୋଗୀଙ୍କୁ ବେହୋସ୍ କାହିଁକି କରନ୍ତି ?
ମିଣ୍ଟୁ : ଏତିକି ଜାଣିପାରୁନୁ, ଯଦି ରୋଗୀମାନେ ଅପରେସନ୍ କରିବା ଶିଖି ଯିବେ ତାହେଲେ ଆଉ ଡାକ୍ତରଙ୍କ ପାଖକୁ ଯିବେ କି ?

× × × ×

ବିଜ୍ଞାନ କ୍ଲାସ ଚାଲିଥିଲା ଏବଂ ମିଙ୍କୁ ଶୋଇଥିଲା । ଏହି ସମୟରେ ଶିକ୍ଷକ ମିଙ୍କୁ : କ'ଣ ଚାଲିଛି ?
ମିଙ୍କୁ : କିଛି ନାହିଁ ସାର୍ ।
ଶିକ୍ଷକ : ତୁମେ କ୍ଲାସରେ ଶୋଇଛ କାହିଁକି ?
ମିଙ୍କୁ : ନା, ସାର୍, ମାଧ୍ୟାକର୍ଷଣ ହେତୁ ମୁଣ୍ଡ ତଳକୁ ଖସିପଡୁଛି ।



× × × ×

ଚିଣ୍ଟୁକୁ ମଶା କାମୁଡିବାରୁ ସେ ରାତି ସାରା ରୁମରେ ଦୌଡିଲା !
ସକାଳ ହୋଇଗଲା ହେଲା ମଶା ମଲାନି ।
ଚିଣ୍ଟୁ କହିଲା : ମଶା ମାରିପାରିଲିନି ବୋଲି କ'ଣ ହେଲା । ତାକୁ ବି ରାତିସାରା ଶୁଆଇ ଦେଲିନି ।

× × × × ×

ମଣ୍ଟୁ ଗଧକୁ ଧରି ସ୍କୁଲ ଆସିଲା । ଏହା ଦେଖି ମିସ୍ କହିଲେ ଆରେ ମଣ୍ଟୁ ତୁମେ କ'ଣ ଗଧକୁ ସ୍କୁଲ ନେଇକି ଆସିଛ ?
ମଣ୍ଟୁ : ମିସ୍ ଆପଣ କହିଥିଲେ ମୁଁ ଗଧକୁ ମଣିଷ କରିଛି, ଭାବିଲି ଆକୁ ଟିକେ ମଣିଷ କରିଦେବେ ।

× × × ×

ଜଣେ ବ୍ୟକ୍ତି ଡାକ୍ତରଙ୍କ ନିକଟକୁ ଗଲା, ସେଠାରେ ଡାକ୍ତରଙ୍କୁ କହିଲା : ସାର୍, ମୋର ମୋଟାପଣ କିପରି ଦୂର ହେବ ?
ଡାକ୍ତର : ନିଜ ବେକକୁ ବାମ ଡାହାଣ କରିବ ।
ବ୍ୟକ୍ତି : କେତେବେଳେ
ଡାକ୍ତର : ଯେତେବେଳେ ତୁମକୁ କିଏ ଖାଇବାକୁ ଦେବ ସେତେବେଳେ ।

# ଆମେ ହିନ୍ଦୁ ଓ ସନାତନ ଧର୍ମର ଲୋକେ ଏହାକୁ ବଞ୍ଚାଇବାକୁ କେତେଦୂର ସମର୍ଥ

**ପ୍ରଦୀପ୍ତ କୁମାର କର**

**ଆ**ମ ଭାରତକୁ ଆମେ ବଡ ଗର୍ବରେ କହୁଛନ୍ତି ଯେ ଏହା ଏକ ହିନ୍ଦୁ ରାଷ୍ଟ୍ର ପୃଥିବୀର ସବୁଠାରୁ ପୁରୁଣା ଧର୍ମ ସନାତନ ଓ ଆମେ ସମସ୍ତେ ସେହି ସନାତନ ଧର୍ମର ପୂଜାରୀ ।କିନ୍ତୁ ପ୍ରକୃତରେ ଆମେ ସମସ୍ତେ ଗୋଟିଏ ଗୋଟିଏ କଥା କୁହା କପିଳା ।କାରଣ ଏସବୁ କଥା କେବଳ ସଭା ସମିତିରେ ଷ୍ଟେଜ ଉପରୁ ହିଁ କହିହୁଏ କିନ୍ତୁ ଅସଲରେ ଆମେ ଯେତେ ସନାତନ ଧର୍ମ ବା ହିନ୍ଦୁ ବୋଲି ଚିତ୍କାର କରୁଛେ ଆମେ ସମସ୍ତେ ପରସ୍ପର ବିରୋଧୀ ହୋଇ ନିଜ ଗୋଡ଼କୁ ନିଜେ ଟାଣି ପୃଥିବୀ ର ଏହି ମହାନ୍ ଧର୍ମକୁ ଭାରତ ବର୍ଷରୁ ନିଶ୍ଚିହ୍ନ କରିବାକୁ ଅଣ୍ଟା ଭିଡ଼ି ବାହାରିଛନ୍ତି । ଅନ୍ୟ ଧର୍ମ ରେ ଯେପରି ଗୋଟିଏ ଛୋଟ ପିଲା କୁ ପ୍ରଥମ ରୁ ହିଁ ତାଙ୍କ ଧର୍ମ ବିଷୟରେ ଶିକ୍ଷା ଦିଆଯାଏ । ନିଜର ଧର୍ମ ସ୍କୁଲୀ କୁ ପଠାଯାଇ ତାକୁ ନିଜ ଧର୍ମ ବିଷୟରେ ଜଣାଇ ତା ମୁଣ୍ଡରେ ପୁରାଇ ଦିଆ ଯାଏ ଯେ ତାଙ୍କ ଧର୍ମ ଛଡା ସଂସାର ରେ ଅନ୍ୟ ସବୁ ଧର୍ମର ସ୍ଥାନ ଏଠାରେ ନାହିଁ ।କିନ୍ତୁ ଆମ ସନାତନ ଧର୍ମରେ କେବେବି କୌଣସି ଛୋଟ ପିଲା କୁ ଧର୍ମ ଶିକ୍ଷା ଦିଆଯାଏ ନାହିଁ ।ବାପା ,ମା ମାନେ କୁହନ୍ତି ଏବେ କଣ ଏସବୁ ଶିଖିବା ଦରକାର ବଡ ହେଲେ ଆପେ ଆପେ ଶିଖିଯିବନି, କି । ଏହା ଫଳରେ ପିଲାଟି ଭଗବତ ଚିନ୍ତା କରିବା ପରିବର୍ତ୍ତେ ତାର ନିଜର କର୍ମ ସଂସ୍ଥାନ ପାଇଁ ବେଶୀ ଆଗ୍ରହ ଦେଖାଦେଇଥାଏ । ଏବେ ଆମେ ଭାରତ ରେ ଥିବା ଅସଂଖ୍ୟ ମଠ ,ମନ୍ଦିର, ଅନେକ ଧର୍ମ ଗୁରୁ, ନିଜ ନିଜ ଭିତରେ କିଏ ବଡ ବୋଲି ପ୍ରତିଯୋଗିତା କରି ଏସବୁ ଭିତରେ ଆମେ ନିଜ ଧର୍ମ ତଥା ଦେଶ କୁ ନଷ୍ଟ କରୁନାହେ ବରଂ ରସାତଳକୁ ଖସେଇ ଦେଉଛନ୍ତି । ହିନ୍ଦୁ ରାଷ୍ଟ୍ର ରେ ଜନ୍ମ ହୋଇ ଯଦି ଆମେ ନିଜ ଆଦର୍ଶ କୁ ଭୁଲି ଯାଉଛନ୍ତି ତେବେ ଏହାଠାରୁ ଆଉ ଅଧିକ ଭୁଲ କଣ ହୋଇପାରେ । ଭାରତରେ ହିନ୍ଦୁ ସଂଖ୍ୟା ବର୍ତ୍ତମାନ ପ୍ରାୟ ୮୦ % ଅଛନ୍ତି ।ଅନ୍ୟ ଧର୍ମ ର ଲୋକସଂଖ୍ୟା ବଢ଼ି ବଢ଼ି ଚାଲିଛି ।ଏହାର କାରଣ ଆମେ ନିଜେ ଯେହେତୁ ଏହାର ଏକ ପ୍ରମୁଖ କାରଣ ହେଉଛି ଯେ ଆମ ଦେଶର ଯେଉଁ ଅତି ନିର୍ବୋଧ ନୀତି ଅନ୍ୟ ଧର୍ମକୁ ଦିଆଯାଉଛି । ଅନ୍ୟ ଧର୍ମର ବହୁ ବିବାହ ,ବହୁ ସନ୍ତାନ ଜନ୍ମ କରିବାରେ କୌଣସି ଅଙ୍କୁଶ ନ ରହିବା ଇତ୍ୟାଦି ।ଏସବୁ ପାଇଁ ସାଧାରଣ ଜନତା ଯେତିକି ଦାୟୀ ତାଠାରୁ ଅଧିକ ପରିମାଣରେ ଦାୟୀ ହେଉଛନ୍ତି ଆମ ଦେଶର ରାଜନୈତିକ ଦଳର ଲୋକ ମାନଙ୍କ ନୀଚ ସ୍ୱାର୍ଥ ମାନୋବୃତି । ରାଜନୈତିକ ଦଳ ମାନେ ଗଣତନ୍ତ୍ର ରାଷ୍ଟ୍ର ହିସାବରେ ସବୁ ଧର୍ମ କୁ ସମାନ ଭାବରେ ଦେଖିବା ଦରକାର କିନ୍ତୁ ଏତେ ପରିମାଣରେ ନୁହେଁ ଯେ ଯେପରି ହିନ୍ଦୁ ମାନଙ୍କ ସଂଖ୍ୟା ଏ ଦେଶ ରେ କମ୍ ହୋଇଯାଉ । ଆମ ଦେଶରେ ଯେଉଁ ଜାତି ଭିତ୍ତିକ ରାଜନୀତି ଚାଲିଛି ତାହା ଏବେ ସମ୍ପୂର୍ଣ୍ଣ ଭାବରେ ପରିବାର ଭିତ୍ତିକ ରେ ପରିଣତ ହୋଇ ଦେଶକୁ ଆହୁରି କ୍ଷତି ଗ୍ରସ୍ତ କରି ଦେଉଛି । ଏହାର ସ୍ପଷ୍ଟ ପ୍ରମାଣ ଏହି ୨୦୨୪ ନିର୍ବାଚନ ରୁ ଜଣାପଡିଗଲା । କାରଣ ଯଦିଓ ବିଜେପି ଦଳ ସର୍ବଭୌମତ୍ୱ ଉପରେ ଦୃଷ୍ଟି ଦିଏ କିନ୍ତୁ ଆମର ଅନେକ ରାଜନୈତିକ ଦଳ ନିଜ ସ୍ୱାର୍ଥ ପାଇଁ ଲୋକ ମାନଙ୍କୁ ଭୁଲାଇ ବିଜେପି କୁ ଏକ ସିକୁଲାର ଦଳ ବୋଲି କହି ବୁଲୁଛନ୍ତି ।ଏଠାରେ ଲେଖକ କୌଣସି ନିର୍ଦ୍ଦିଷ୍ଟ ଦଳ କୁ ପ୍ରତ୍ୟକ୍ଷ ରେ ବା ପରୋକ୍ଷରେ ସମର୍ଥନ କରିବାର ଅଭିପ୍ରାୟ ନାହିଁ ।ଯାହା କୁହାଯାଉଛି ତାହା ଯଦି ପାଠକେ ହୃଦୟ ର ଗଭୀରତା କୁ ଯାଇ ଏହାକୁ ବୁଝିବା ପାଇଁ ଚେଷ୍ଟା କରିବେ ଓ ଆମ ଦେଶକୁ ବାହ୍ୟ ନୁହେଁ ଭିତର ର ଶତ୍ରୁ ମାନଙ୍କ କବଳରୁ ରକ୍ଷା କରିବାକୁ ଦୃଢ଼ ଭାବରେ ଆଗେଇ ଆସିବେ ତେବେ ଆମ ଦେଶ ଓ ଜାତି ରକ୍ଷା ପାଇବ ।

**ପ୍ଲଟ ନଂ ୨୫, ସୂର୍ଯ୍ୟ ନଗର, ଭୁବନେଶ୍ୱର**

# ବାଦାମର ଉପକାରିତା

ବାଦାମ ଏକ ପାଟି ସୁଆଦିଆ ଖାଦ୍ୟ । ଏହା ସ୍ୱାସ୍ଥ୍ୟ ପାଇଁ ମଧ ବେଶ ଉପଯୋଗୀ । ଏଥିରେ ପ୍ରଚୁର ପରିମାଣର ଭିଟାମିନ୍ ଓ ପ୍ରୋଟିନ୍ ରହିଥାଏ । ଏଥିସହିତ ବାଦାମରେ ମଧ ବିଭିନ୍ନ ପ୍ରକାର ଖାଦ୍ୟ ପ୍ରସ୍ତୁତ କରିବା ସହିତ ଏଥିରୁ ପ୍ରସ୍ତୁତ ତେଲକୁ ଆମେ ରନ୍ଧା ଖାଦ୍ୟ ରୂପେ ବ୍ୟବହାର କରିଥାଉ ।

ବାଦାମରେ ପ୍ରଚୁର ପରିମାଣର ପ୍ରୋଟିନ୍ ଓ ଫାଇବର ରହିଛି । ଏହା ବ୍ୟତୀତ ବାଦାମରେ ପଲିଫେନୋଲ, ଆଣ୍ଟିଅକ୍ସିଡାଣ୍ଟ, ଭିଟାମିନ୍ସ ଓ ମିନେରାଲ୍ସ ମିଳିଥାଏ । ବାଦାମରେ ରେସ୍ଭେରାଟ୍ରୋଲ, ଫେନୋଲିକ୍ ଏସିଡ୍, ଫ୍ଲେଭେନୋଏଡସ ଓ ଫାଇଟୋଷ୍ଟେରୋଲର ଉତ୍ତମ ସ୍ରୋତ ରହିଥାଏ, ଏହି ସମସ୍ତକୁ ମିଶାଇ ଖାଇବା ଦ୍ୱାରା କୋଲେଷ୍ଟ୍ରୋଲର ଅବଶୋଷଣକୁ ରୋକି ଦେଇଥାଏ । ଏହା ହୃଦୟକୁ ସୁସ୍ଥ ରଖିଥାଏ ।

ବାଦାମ ମଞ୍ଜିକୁ ଶୁଖାଇ ଏଥିରୁ ତେଲ ତିଆରି କରାଯାଇଥାଏ । ଏହି ତେଲରେ ବିଭିନ୍ନ ଛଣା ଖାଦ୍ୟ ପ୍ରସ୍ତୁତ କରିବାରେ ବ୍ୟବହାର କରାଯାଇଥାଏ ।

ବାଦାମକୁ ବିଭିନ୍ନ ଖାଦ୍ୟ ପଦାର୍ଥରେ ପକାଇ ଖାଇଥାନ୍ତି । ଛତୁଆରେ ବାଦାମ ଅମୂଲ ପକାଇ ଖାଇଲେ ଏହା ପିଲାଙ୍କ ସ୍ୱାସ୍ଥ୍ୟ ଠିକ୍ ରଖେ । ଆଇସ୍କ୍ରିମରେ ବାଦାମକୁ ଭାଜି ଗୁଣ୍ଡ କରି ପକାଯାଇଥାଏ ।

ବାଦାମ ଲଡୁ, ମୁଆଁ ଆଦି ପାଇଁ ଏହାର ଭଜା ମଞ୍ଜିକୁ ବ୍ୟବହାର କରାଯାଇଥାଏ । ଶୀତ ଦିନେ ବାଦାମ ଭଜା ପାଟିକୁ ଯେତିକି ସୁଆଦିଆ ସେତିକି ମଧ ସ୍ୱାସ୍ଥ୍ୟ ପାଇଁ ଉପକାରୀ ।

ଏଥି ସହିତ ସିଝା ବାଦାମକୁ ଖାଇଲେ ପାଟିକୁ ଖୁବ୍ ସ୍ୱାଦିଷ୍ଟ ଲାଗିଥାଏ ଏବଂ ଏହା ମଧ ଗ୍ୟାସ୍ ସମସ୍ୟା ସୃଷ୍ଟିକରେ ନାହିଁ ।

ବାଦାମରେ ଅନସାଚୁରେଟେଡ ଫ୍ୟାଟ ଏସିଡ ରହିଥାଏ । ଯାହାକି ଖରାପ କୋଲେଷ୍ଟ୍ରୋଲକୁ କମ କରି ଭଲ କୋଲେଷ୍ଟ୍ରଲ ବଢ଼ାଇଥାଏ ।



ଏଥିରେ ପ୍ରଚୁର ପରିମାଣର ପୋଷକ ତତ୍ତ୍ୱ ରହିଛି ଯାହା କେଶକୁ ସୁସ୍ଥ ରଖିବାରେ ସହାୟକ ହୋଇଥାଏ । ଏଥିରେ ଓମେଗା ୩ ଫ୍ୟାଟି ଏସିଡ୍ ଅଧିକ ରହିଛି ଯାହା ସ୍କାପକୁ ମଜବୁତ କରିବା ସହିତ କେଶକୁ ବଢ଼ାଇବାରେ ସହାୟକ ହୋଇଥାଏ । ଏଥିରେ ଥିବା ଆମିନୋ ଏସିଡ୍ ପୁରୁଷଙ୍କ ଚନ୍ଦାପଣକୁ ଦୂର କରି ସୁସ୍ଥ କେଶକୁ ବିକଶିତ କରିବାରେ ସହାୟକ ହୋଇଥାଏ ।

ଓଜନ କମ କରିବା ପାଇଁ ଖୁବ୍ ଉପଯୋଗୀ । ଏଥିବରେ ପ୍ରୋଟିନ ଫାଇବର ରହିଥାଏ । ଏହି ଦୁଇଟି ତତ୍ତ୍ୱ ଭୋକକୁ କମ କରିଥାଏ । ଏଥିପାଇଁ ଖାଦ୍ୟ ମଝିରେ ବାଦାମ ଖାଇଲେ ଆପଣଙ୍କ ଭୋକ କମିବା ସହିତ ଓଜନ କମାଇବାରେ ସହାୟତା କରେ । ତେଣୁ ପ୍ରତିଦିନ ନିୟମିତ ରୂପେ ଅଳ୍ପ ବାଦାମ ଖାଇବା ଉଚିତ୍ । ବାଦାମରେ ଗଚ୍ଛିତ ଥିବା ଫ୍ୟାଟି ଏସିଡ୍ ତ୍ୱଚାର ଲାଳିମାକୁ ବୃଦ୍ଧି କରିଥାଏ । ଏଥିରେ ଥିବା ଫାଇବର ବିଷାକ୍ତ ପଦାର୍ଥ ଓ ଆବର୍ଜନାକୁ ବାହାର କରି ଦେଇଥାଏ । ଶରୀର ଭିତରେ ବିଷାକ୍ତ ପଦାର୍ଥକୁ ଏହାର ବାହାର କରି ଦେଇଥାଏ । ନିୟମିତ ରୂପରେ ବାଦାମ ସେବନ କରିବା ଦ୍ୱାରା ସୁସ୍ଥ ତ୍ୱଚା ପାଇବାକୁ ଏହା ଖୋରାକ ଯୋଗାଇଥାଏ ।

# ସୋରିଷ ତେଲ ମାଲିସର ଉପକାରିତା

କିଛି ବର୍ଷ ତଳେ ଆମ ଭାରତୀୟ ରୋଷେଇ ଘରେ ସୋରିଷ ତେଲର ସ୍ଥାନ ବେଶ୍ ସ୍ୱତନ୍ତ୍ର ଥିଲା । ଏବେ କିନ୍ତୁ ଲୋକେ ଆବଶ୍ୟକତାଠାରୁ ଅଧିକ ସ୍ୱାସ୍ଥ୍ୟ ସଚେତନ ହୋଇ ବିଭିନ୍ନ ପ୍ରକାରର ରନ୍ଧା ତେଲ ପଛରେ ଧାଉଁଛନ୍ତି । ଖାଦ୍ୟ ବିଶେଷଜ୍ଞଙ୍କ ମତରେ ନିୟମିତ ସୋରିଷ ତେଲ ରନ୍ଧା ଖାଇବା ସ୍ୱାସ୍ଥ୍ୟ ପାଇଁ ହିତକାରୀ । ଏହାର ମାଲିସ ନିୟମିତ ତ୍ୱଚାରେ କଲେ ମଧ ଅନେକ ଉପକାର ମିଳିଥାଏ ।



ଶୋଇବା ପୂର୍ବରୁ ନିୟମିତ ସୋରିଷ ତେଲକୁ ହାଲୁକା ଉଷୁମ କରି ପାଦତଳେ ମାଲିସ କଲେ ଭଲ ନିଦ ହେବ । ଦୃଷ୍ଟି ଶକ୍ତି ବଢ଼ିଥାଏ । ନିଶାସେବନ, ଧୂମପାନ ଅଧିକ କଲେ ଆଖିର ଜ୍ୟୋତି ପ୍ରଭାବିତ ହୁଏ । ଏଥିରୁ ବର୍ତ୍ତିବାକୁ ହେଲେ ସୋରିଷ ତେଲ ମହୌଷଧି । ସୋରିଷ ତେଲ ନିୟମିତ ପୂରା ଶରୀରରେ ମାଲିସ କଲେ ଆମର ରକ୍ତ ସଞ୍ଚାଳନ ଉତ୍ତମ ଭାବେ ହୋଇଥାଏ । ପରୀକ୍ଷାରୁ ଜଣାପଡିଛି ଯେ, ସୋରିଷ ତେଲ ପାଦ ତଳେ ମାଲିସ କରିବା ଦ୍ୱାରା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ିବା ସହ ଓଜନକୁ ମଧ ନିୟନ୍ତ୍ରଣ କରେ । ମାନସିକ ଚାପ, ଅବସାଦ ଓ ନିଦ୍ରାହୀନତାରୁ ବର୍ତ୍ତିବାକୁ ଚାହୁଁଥିଲେ ୧ ମାସ ପର୍ଯ୍ୟନ୍ତ ସୋରିଷ ତେଲ ପାଦ ତଳେ ମାଲିସ୍ କରନ୍ତୁ । ସପ୍ତାହରେ ୨-୩ ଦିନଥର ଏଇ ଉପାୟ କରନ୍ତୁ । ଦେଖିବେ ନିଶ୍ଚୟ ଆରାମ ଅନୁଭବ କରିବେ । ବଡ଼ କୁଣ୍ଡରେ ଉଷୁମ ପାଣି ଭର୍ତ୍ତି କରି ସେଥିରେ ୨-୩ ଚାମଚ ସୋରିଷ ତେଲ ପକାନ୍ତୁ । ସେହି ପାଣିରେ ପାଦ ୨୦ ମିନିଟ୍ ବୁଡ଼ାଇ ପରେ ଭଲଭାବେ ପୋଛିନେବେ । ସୁନିଦ୍ରା ନିମନ୍ତେ ଏହା ଏକ ଉତ୍ତମ ଉପାୟ ।

# ଲାଭକାରୀ ଲାଉ



ଏକ କପ୍ ଲାଉ ରସରେ ଏକ ଚାମଚ ଲେମ୍ବୁ ରସ ଓ ଚିମୁଟେ ଗୋଲମରିଚ ଗୁଣ୍ଡ ଫେଣ୍ଟି ନିୟମିତ କିଛି ଦିନ ପର୍ଯ୍ୟନ୍ତ ପିଅନ୍ତୁ, ହୃତପିଣ୍ଡ ଓ ବୃକ୍କ ସୁସ୍ଥ ରହିବ । ଖାଦ୍ୟ ହଜମ ହେଉ ନ ଥିଲେ କିମ୍ବା କୋଷ୍ଠକାଠିନ୍ୟ ସମସ୍ୟା ଥିଲେ ଏକ କପ୍ ରସରେ ଅଧା ଚାମଚ ବଟା ଅଦା କିମ୍ବା ହଳଦୀ ଫେଣ୍ଟି ପିଇଲେ ସୁଫଳ ମିଳେ ।

# ଔଷଧରେ ଭରପୁର ମେଥି

ଆମର ଦୈନନ୍ଦିନ ଜୀବନରେ ମେଥିର ବହୁଳ ବ୍ୟବହାର ହୋଇ ଆସିଛି । ଏହାର ପତ୍ରକୁ ଶାଗ କରି ଖିଆ ଯାଉଥିବା ବେଳେ ମେଥି ମଞ୍ଜିକୁ ଫୁଟଣ ଭାବେ ବ୍ୟବହାର କରାଯାଇଥାଏ । ମେଥି ଏବଂ ମେଥିଶାଗ ପିତା ଲାଗେ । ଏହି ଗଛର ଫୁଲର ରଙ୍ଗ ଧଳା । ଏହା ବେଶୀ ବଡ଼ ଗଛ ହୁଏ ନାହିଁ, ଦୁଇ ତିନି ମିଟର ପର୍ଯ୍ୟନ୍ତ ଏହା ବଢ଼ିପାରେ । ଉଭୟ ଓଡ଼ିଆ ଏବଂ ହିନ୍ଦୀରେ ଏହା ମେଥି ନାମରେ ପରିଚିତ ଥିବା ବେଳେ ସଂସ୍କୃତରେ ମେଥିକା, ମେଥିନି, ମନ୍ଥା, କୁଞ୍ଚିକା ପରି ବହୁ ନାମ ଅଛି । ଏବେ ଦୈନନ୍ଦିନ ଜୀବନରେ ଏହାର ବ୍ୟବହାର ବଢ଼ିଯାଇଛି । ଡାଇବେଟିସ୍ ରୋଗୀଙ୍କ ପାଇଁ ମେଥି ଉପକାରୀ । ଏହାର ଅନେକ ଆୟୁର୍ବେଦୀୟ ଉପଚାର ରହିଛି ।



ବଥକୁ ପଚାଇ ଫଟାଇବା ପାଇଁ ମେଥିକୁ ପାଣିରେ ବାଟି ଅଳ୍ପ ଉଷୁମ କରି ବଥରେ ଲେପନ କଲେ ବଥକୁ ପଚାଇବା ସହ ଏହା ଫଟାଇ ଦେଇଥାଏ ।

ଏବେ କେଶ ଉପୁଡିବା ଏକ ବଡ଼ ସମସ୍ୟା ଭାବେ ଦେଖାଦେଇଛି । ଏହି ସମସ୍ୟାରୁ ରକ୍ଷା ପାଇବା ପାଇଁ ହେଲେ ମେଥିକୁ ପାଣିରେ ବାଟନ୍ତୁ । ଏହି ବଟାକୁ ମୁଣ୍ଡରେ ଲଗାଇ ଏକଘଣ୍ଟା ପର୍ଯ୍ୟନ୍ତ ଛାଡି ଦିଅନ୍ତୁ । ତା'ପରେ ମୁଣ୍ଡ ଧୁଅନ୍ତୁ । କିଛି ଦିନ ଏପରି କଲେ କେଶ ଝଡିବା ବନ୍ଦ ହୋଇଯାଏ ।

ମେଥିକୁ ଦରବଟା କରି ରଖନ୍ତୁ । ସେଥିରୁ ୫ ଗ୍ରାମକୁ ୩ କପ୍ ପାଣି ମିଶାଇ ନିଆଁରେ ସିଝି ଦେଢ଼ କପ୍ ପାଣି ହୋଇଗଲେ ତାକୁ ଦିନକୁ ଦୁଇଥର ପିଇବା ଦ୍ୱାରା ମଧୁ ମେହ ରୋଗ ନିୟନ୍ତ୍ରଣ ହୋଇଥାଏ ।

ତଣ୍ଟିରେ ଘା' ହୋଇଥିଲେ ବା ଟନସିଲରେ ଫୁଲା ଥିଲେ ମେଥିକୁ ସିଝାଇ ସେହି ପାଣିକୁ ଗାର୍ଗେଲିଙ୍ଗ କଲେ ଭଲ ହୋଇଯାଏ ।

ଯେଉଁମାନେ ବହୁମୂତ୍ର ରୋଗରେ ପୀଡିତ ସେମାନେ ମେଥି ଚୂର୍ଣ୍ଣ ୩ ରୁ ୪ ଚାମଚ ପ୍ରତିଦିନ ଉଷୁମ ପାଣିରେ ଖାଇବା ଦ୍ୱାରା ରୋଗର ଉପଶମ ମିଳିଥାଏ । ସ୍ୱପ୍ନଦୋଷ ଥିବା ରୋଗୀ ମେଥି ୨ ଚାମଚ ଏବଂ କିଛି ଚିନାବାଦାମକୁ ରାତିରେ ପାଣିରେ ଭିଜାଇ ସକାଳେ ଜଳଖିଆ ସହିତ ଖାଇଲେ ରୋଗ ଭଲ ହୁଏ । ସେହିପରି ମେଥିପତ୍ର ରସ ୧୦ ଗ୍ରାମ୍ ଦୈନିକ ନିୟମିତ ରୂପେ ପିଇଲେ ବାତକଷ୍ଟ, ଅର୍ଶ, ଦେହପୁଲା, ଅଗ୍ନିମାନ୍ଦ୍ୟ ଆଦି ଦୂର ହୋଇଥାଏ । ମେଥି ଚୂର୍ଣ୍ଣକୁ ଶୁଣ୍ଠି ଓ ଗୁଡ ସହିତ ଦିନକୁ ତିନିଥର ଖାଇଲେ ଆମ ବାତ ଉପଶମ ହୁଏ ।

ମେଥିକୁ ପାଣିରେ ବାଟି କଣ୍ଟା ପଶିଥିବା ସ୍ଥାନରେ ଲେପନ କଲେ ସେ ସ୍ଥାନ ପାଚିଯାଇ କଣ୍ଟା ବାହାରିପଡେ ।

# ଆପଣ ଜାଣନ୍ତି କି ?

- ସବୁଠାରୁ ଚତୁର ତଥା ବୟୋଜ୍ୟେଷ୍ଠ ମାଈ ହାତୀ ହିଁ ହାତୀ ଗୋଠର ମାର୍ଗ ଦର୍ଶକ ହୋଇଥାଏ ।
- ପୁରୁଷ ହାତୀମାନେ ୧୨ ବର୍ଷର ହୋଇଯିବା ପରେ ନିଜ ଇଚ୍ଛା ଅନୁଯାୟୀ ଗୋଠ ଛାଡି ପଳାଇ ଯାଇ ପାରନ୍ତି । ସମ୍ପୂର୍ଣ୍ଣ ବୁଢ଼ା ନ ହେବା ପର୍ଯ୍ୟନ୍ତ ଏମାନେ ନିଜର ଏକ ସ୍ୱତନ୍ତ୍ର ଗୋଠ କରି ସ୍ୱାଧୀନ ଜୀବନ ବଞ୍ଚନ୍ତି ।
- ହାତୀ ଦୈନିକ ୨ ରୁ ୩ ଘଣ୍ଟା ଶୋଇଥାନ୍ତି । ଅନ୍ୟ ସମୟଗୁଡିକୁ ଏମାନେ କେବଳ ଖାଇବାରେ ବ୍ୟବହାର କରନ୍ତି ।
- ଯୁବା ହାତୀ ସେମାନଙ୍କ ଲମ୍ବା ନାକକୁ ମଣିଷଙ୍କ ଭଳି ସୁଁ ସୁଁ କରନ୍ତି । ଏଭଳି କରି ସେମାନେ ଆରାମ ପାଆନ୍ତି ।
- ହାତୀ ଚର୍ମର ମୋଟେଇ ଏକ ଇଞ୍ଚ ।
- ହାତୀମାନେ ପରସ୍ପର ସହ ଯୋଗାଯୋଗ ରକ୍ଷା କରିବା ପାଇଁ ଭୂଇଁରେ ପାଦ କଚାଡି ଏକ ପ୍ରକାର ଶବ୍ଦ ତରଙ୍ଗ ସୃଷ୍ଟି କରନ୍ତି ।
- ହାତୀଗୋଠରୁ କୌଣସି ହାତୀ ହଜିଗଲେ କି ମରିଗଲେ ଏମାନେ ନିଜ ଭିତରେ ସମାଧି ଉତ୍ସବ ପାଳନ କରନ୍ତି । ଗୋଟିଏ ଜାଗାରେ ଏକତ୍ର ଘଣ୍ଟା ଘଣ୍ଟା ଧରି ନିରବରେ ଠିଆ ହୋଇ ରହନ୍ତି ।
- ଗୋଟିଏ ହାତୀ ପ୍ରତ୍ୟେକ ଦିନ ୧୫୦ କି.ଗ୍ରା ତାଳପତ୍ର ଖାଇଥାଏ ।
- ହାତୀର ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ୬ ରୁ ୭ ଥର ଦାନ୍ତ ଉଠିଥାଏ ।
- ନିଜକୁ ଶୀତଳ ରଖିବା ପାଇଁ ହାତୀ କାନ ହଲାଇଥାଏ ।

# କହିପାରିବେ କି ?

(୧) ଲାଲ୍ ଗ୍ରହ କାହାକୁ କୁହାଯାଏ ?
(୨) ସ୍ଥଳ ଭାଗରେ ସବୁଠାରୁ ଡେଙ୍ଗା ପଶୁ କିଏ ?
(୩) ଶରୀରର କେଉଁ ଅଂଶ ସବୁଠାରୁ ଅଧିକ ସମ୍ବେଦନଶୀଳ ?
(୪) ଶରୀରର କେଉଁ ଦୁଇଟି ଅଂଶ ଜୀବନର ଶେଷ ପର୍ଯ୍ୟନ୍ତ ବୃଦ୍ଧି ପାଇଥାଏ ?
(୫) ବିଶ୍ୱର ସର୍ବବୃହତ ଗଣତନ୍ତ୍ର ରାଷ୍ଟ୍ରର ନାଁ କ'ଣ ?
(୬) ଟେଲିଭିଜନ ବା ଦୂରଦର୍ଶନର ଉଦ୍ଭାବକ କିଏ ?
(୭) କେଉଁ ଦିନକୁ ବିଶ୍ୱ ପରିବେଶ ଦିବସ ଭାବେ ପାଳନ କରାଯାଏ ?
(୮) ଆୟତନ ଅନୁସାରେ ବିଶ୍ୱର ସବୁ ଠାରୁ ବଡ଼ ଦେଶ କେଉଁଠା ?
(୯) କମ୍ପ୍ୟୁଟରର ଉଦ୍ଭାବକ କିଏ ?
(୧୦) ଏକ କ୍ରିକେଟ ଟିମରେ କେତେଜଣ ଖେଳାଳି ରହିଥାନ୍ତି ?

## JUMBLE WORDS

| | | | |
|---|---|---|---|
| 1) NIUGPEN | = | 6) CCOONRA | = |
| 2) ALBARTSSO | = | 7) EMOOS | = |
| 3) SORECONIHR | = | 8) GERIT | = |
| 4) OSHCTRI | = | 9) LEOPADR | = |
| 5) HISUMATOPOPP | = | 10) EETAHCH | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-**

୧.ଅମର୍ତ୍ତ୍ୟ ସେନ, ୨. ଈଶ୍ୱରଚନ୍ଦ୍ର ବିଦ୍ୟାସାଗର, ୩.କେରଳ, ୪.ଶରତ ପୂର୍ଣ୍ଣିମା, ୫.କାର୍ତ୍ତିକ ମାସରେ, ୬.ଗୋପାଳ କୃଷ୍ଣ ଗୋଖଲେ, ୭.ଉମେଶ ଚନ୍ଦ୍ର ବାନାର୍ଜୀ, ୮.ସାମୁଏଲ ହ୍ୟାନିମ୍ୟାନ, ୯.ବଂଶୀ, ୧୦.ଗୋଦାବରୀ ।

***Jumble Words*** ର ଉତ୍ତର :-

(1) PRIME (2) ENJOY (3) KNOTTY (4) DAINTY (5) CLOUT
(6) DADDY (7) EFFECT (8) CHEESE (9) HOBBY (10) TRUTH

# ମଙ୍ଗଳବଜାରରେ ଡାକ୍ତରଖାନା ପୁନଃ କାର୍ଯ୍ୟକ୍ଷମ ହେବ: ଟଙ୍କ ତ୍ରିପାଠୀ

ଝାରସୁଗୁଡ଼ା : ମଙ୍ଗଳବଜାର ଠାରେ ସହରବାସୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ନୂତନ ଡାକ୍ତରଖାନା ଲୋକଙ୍କ ସେବାରେ ଉତ୍ସର୍ଗ ହେବ ବୋଲି ବିଧାୟକ ଟଙ୍କଧର ତ୍ରିପାଠୀ କହିଛନ୍ତି ।

ଏଠାରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅବସରରେ ବିଧାୟକ ଶ୍ରୀ ତ୍ରିପାଠୀ କହିଥିଲେ ଯେ, ମଙ୍ଗଳବଜାର ଠାରେ ଡାକ୍ତରଖାନା ଏକ ଆବଶ୍ୟକତା ଏବଂ ସରକାରଙ୍କ ପାଇଁ ଏହା ପୁନଃ ଖୋଲାଯିବା ବାଧବାଧକତା । ଅତୀତରେ ସହରବାସୀଙ୍କୁ ପ୍ରତାରିତ କରି ସରକାର ଯେଉଁଭଳି ଏଠାରୁ ଡାକ୍ତରଖାନାକୁ ସ୍ଥାନାନ୍ତର କଲେ ସେ ସମୟରେ ପଦକ୍ଷେପ ନେଇଥିଲେ ୨୪ ଘଣ୍ଟିଆ ସେବା ପ୍ରଦାନକାରୀ ଡାକ୍ତରଖାନା ପ୍ରତିଷ୍ଠା ହୋଇ ପାରିଥାନ୍ତା । ମାତ୍ର ଏ ଦିଗରେ ଲୋକଙ୍କର ଆବଶ୍ୟକତାକୁ ଆଦୌ ବିଚାରକୁ ନିଆ ନ ଯାଇ ଲୋକଙ୍କୁ କଥାରେ ଭୁଲାଇ ଦେବାର ପ୍ରୟାସ ହୋଇଥିଲା । ସେ ଯାହାହେଉ ନିର୍ବାଚନ ସମୟରେ ଏବଂ ପୂର୍ବରୁ ମଧ ମଙ୍ଗଳବଜାର ଠାରେ ଡାକ୍ତର ଖାନା ପ୍ରତିଷ୍ଠା ପାଇଁ ସହରବାସୀ କରିଥିବା ଦାବି ପ୍ରତି ତାଙ୍କ ସରକାର ଗୁରୁତ୍ୱ ଦେବା ସହ ଯେ କୌଣସି ପ୍ରକାର ଯଥାଶୀଘ୍ର ଏହି ଡାକ୍ତରଖାନା ପ୍ରତିଷ୍ଠା କରିବ । ଝାରସୁଗୁଡ଼ା ସହରରେ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇବା ଧ୍ୟେୟ ହେଉ । କ୍ରମବର୍ଦ୍ଧିଷ୍ଣୁ ଝାରସୁଗୁଡ଼ା ସହରର ଜନସଂଖ୍ୟା ଦିନକୁ ଦିନ ଯେଉଁଭଳି ବୃଦ୍ଧି ପାଇ ଚାଲିଛି ସେଥିରେ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବା କର୍ତ୍ତବ୍ୟ ଭାବି ମଙ୍ଗଳବଜାର ଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ଏକ ଡାକ୍ତରଖାନା ପ୍ରତିଷ୍ଠା ଜରୁରୀ ବୋଲି ଶ୍ରୀ ତ୍ରିପାଠୀ କହିଛନ୍ତି ।

ପ୍ରକାଶଯୋଗ୍ୟ ଜିଲ୍ଲା ସଦର ଡାକ୍ତରଖାନା ବହୁ ଦଶନ୍ଧି ଧରି ସହରର ମଙ୍ଗଳବଜାର ଠାରେ ଚାଲିବା ପରେ ଗତ ୨୦୧୭ ମସିହାରେ ତାହା ମାଲିମୁଣ୍ଡା ପାଖରେ ନବ ନିର୍ମିତ ବହୁ ତଳ ବିଶିଷ୍ଟ କୋଠାକୁ ସ୍ଥାନାନ୍ତରିତ ହୋଇଥିଲା । ଏହାର ସ୍ଥାନାନ୍ତରଣ ସମୟରେ ଜୋରଦାର ବିରୋଧ କରାଯାଇଥିଲା । ସହରବାସୀ ବିକଳ୍ପ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ଡାକ୍ତରଖାନା ପ୍ରତିଷ୍ଠା ପ୍ରତିଶ୍ରୁତି ନ ମିଳିଲେ, ସ୍ଥାନାନ୍ତର କରି ଦେବେ ନାହିଁ ବୋଲି ଜିଦ୍ ଧରି ବା ପରେ ମଙ୍ଗଳବଜାର ଠାରେ ଏକ ଡାକ୍ତରଖାନା ତଥା ଅର୍ବାନ ହେଲଥ ସେଣ୍ଟର ଖୋଲାଯିବ ବୋଲି ରାଜ୍ୟ ସରକାର ସେ ସମୟରେ ଘୋଷଣା କରିଥିଲେ । ମାତ୍ର ପରବର୍ତ୍ତୀ ସମୟରେ ଡାକ୍ତର ଏବଂ କର୍ମଚାରୀଙ୍କୁ ପଠାଯାଇ ମଙ୍ଗଳବଜାର ଠାରେ ପୁରୁଣା ଡାକ୍ତରଖାନା କୋଠା ଅର୍ଥାତ ମେଟର୍ନିଟି ହସ୍ପିଟାଲରେ ନୂତନ ବ୍ୟବସ୍ଥା ଆରମ୍ଭ କରାଗଲା । ମାତ୍ର ସହରବାସୀଙ୍କ ଦାବି ମୁତାବକ ତାହା ନ ହେବା ସହ ଆଶାନୁରୂପ ସ୍ୱାସ୍ଥ୍ୟସେବା ନ ମିଳିବାରୁ ଅସନ୍ତୋଷ ଲାଗି ରହିଛି । ଗତ ପୌର ନିର୍ବାଚନ, ଉପ ନିର୍ବାଚନ ଏବଂ ସାଧାରଣ ନିର୍ବାଚନ ସମୟରେ ମଙ୍ଗଳବଜାର ଠାରେ ଡାକ୍ତରଖାନା ଏକ ପ୍ରମୁଖ ପ୍ରସଙ୍ଗ ପାଲଟିଥିଲା । କୋଭିଡ୍ ସମୟରେ ପୁରୁଣା ଡିଏଚ୍ଏଚ୍ କୁ କୋଭିଡ ଡାକ୍ତରଖାନାରେ ରୂପାନ୍ତରିତ କରାଯିବା ସହ ମେଟର୍ନିଟି ସେଣ୍ଟରକୁ ଏକ ଘରୋଇ ସଂସ୍ଥା ଏନଜିଓ) ହାତରେ ଟେକି ଦେବାର ଉଦ୍ୟମକୁ ବିରୋଧ କରାଯାଇଥିଲା । ଏବେ ରାଜନୈତିକ ସ୍ଥିତିରେ ପରିବର୍ତ୍ତନ ସହ ନବ ନିର୍ବାଚିତ ବିଧାୟକ ଟଙ୍କଧର ତ୍ରିପାଠୀ ମଙ୍ଗଳବଜାର ଠାରେ ଡାକ୍ତରଖାନା କାର୍ଯ୍ୟକ୍ଷମ କରାଯିବା ନେଇ ତତ୍ପରତା ପ୍ରକାଶ କରିବା ପରେ ଏହାକୁ ନେଇ ସହରରେ ଚର୍ଚ୍ଚା ଆରମ୍ଭ ହୋଇଛି । ସହରବାସୀଙ୍କୁ ଆଶାନୁରୂପ ସ୍ୱାସ୍ଥ୍ୟସେବା ପ୍ରଦାନ ଦିଗରେ ଏହି ନୂତନ ପ୍ରୟାସ ସଫଳ ହେବ ନାଁ ନାହିଁ ତାହାକୁ ଲୋକେ ଅପେକ୍ଷା କରିଛନ୍ତି ।

## ବ୍ରହ୍ମାକୁମାରୀ ପକ୍ଷରୁ ଯୋଗ ଦିବସ ପାଳିତ

ସମ୍ବଲପୁର : ବ୍ରହ୍ମାକୁମାରୀ ସମ୍ବଲପୁର ଉପ କେନ୍ଦ୍ରର ନିର୍ଦ୍ଦେଶିକା ରାଜଯୋଗିନୀ ପାର୍ବତୀ ଦିଦିଜୀଙ୍କ ନେତୃତ୍ୱ ରେ ଭୀମଭୋଇ ପାର୍କରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି । ବୀରସୁରେନ୍ଦ୍ର ସାଏ ପ୍ରଦ୍ୟୋଗିକି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବଂଶୀଧର ମାଝୀ ମୁଖ୍ୟ ଅତିଥି, ତ୍ରିଲୋଚନ ନେତ୍ରାଳୟର ପ୍ରତିଷ୍ଠାତା ଡାକ୍ତର ସିନ୍ଧୁ ନନ୍ଦିନୀ, ଯୋଗ ଶିକ୍ଷକ ଭାରତୀୟ ଯୋଗ ସଂସ୍ଥାନ (ଓଡ଼ିଶା ପ୍ରାନ୍ତ)ର ପ୍ରାଣବନ୍ଧୁ ବେହେରା ଓ ସଂସ୍ଥାନର ସଦସ୍ୟ ବୃନ୍ଦ ଯୋଗ ଦେଇଥିଲେ । ପ୍ରାରମ୍ଭରେ କୁମାରୀ ମନସ୍ୱୀ ଏକ ଯୋଗ ନୃତ୍ୟ ପରିବେଷଣ କରିଥିଲେ । ବ୍ରହ୍ମାକୁମାରୀ ଆରତୀ ଭଉଣୀ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ର ସଂକ୍ଷିପ୍ତ ପରିଚୟ ଦେଇ ଥିଲେ । ଶେଷରେ ବ୍ରହ୍ମାକୁମାରୀ ଦୀପା ଭଉଣୀ ସମସ୍ତଙ୍କୁ ରାଜଯୋଗର ଅଭ୍ୟାସ କରାଇଥିଲେ ।

## ଭାରତ ବିକାଶ ପରିଷଦ ବାଲ୍ୟ ସଂସ୍କାର ଶିବିର

ସମ୍ବଲପୁର: ଭାରତ ବିକାଶ ପରିଷଦ ସମ୍ବଲପୁର ଶାଖା ଆନୁକୁଲ୍ୟରେ ମହିଳା ସହଭାଗିତା ଅନ୍ତର୍ଗତ ତ୍ରିଦିବସୀୟ ବାଲ୍ୟ ସଂସ୍କାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ପଶ୍ଚିମ ପ୍ରାନ୍ତର ମହିଳା ସଚିବ ଡକ୍ଟର ରଶ୍ମିରେଖା ଜେନା, ବେଟି ବଚାଓ ର ସଂଯୋଜିକା ଶ୍ରୀମତୀ ଜ୍ୟୋତ୍ସ୍ନାମୟୀ ପଣ୍ଡା ଓ ଶାଖା ମହିଳା ସଚିବ ଶ୍ରୀମତୀ ବିମଳା ଡାଲମିଆ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ପ୍ରଶିକ୍ଷିକା ଶ୍ରୀମତୀ ମେଘା ଓ ଶ୍ରୀମତୀ ଜୟନ୍ତୀ ଦେବୀ ପିଲାମାନଙ୍କୁ ମନ୍ତ୍ର ଉଚ୍ଚାରଣ, ଚିତ୍ରରେ ରଙ୍ଗ ଭରିବା ସହ ଏକାଗ୍ରତା ବଢ଼ାଇବା ପାଇଁ ବିଭିନ୍ନ ପ୍ରକାର କୌଶଳ ଶିକ୍ଷା ଦେଇଥିଲେ ।

## ଜେଏସଡବ୍ଲ୍ୟୁବିପିଏସଏଲ ପକ୍ଷରୁ ଯୋଗ ଦିବସ

ସମ୍ବଲପୁର: ଠେଲକୋଲୋଇସ୍ଥିତ ଜେଏସଡବ୍ଲ୍ୟୁବିପିଏସଏଲ ପକ୍ଷରୁ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି । ଯୋଗ ମାଧ୍ୟମରେ ଶାରୀରିକ ତଥା ମାନସିକ ସୁସ୍ଥତାକୁ ପ୍ରୋତ୍ସାହିତ କରିବା ପାଇଁ ଜେଏସଡବ୍ଲ୍ୟୁବିପିଏସଏଲର ସଭାପତି ତଥା ଡବ୍ଲ୍ୟୁଟିଏଡି, ଶ୍ରୀ ଅନୀଲ କୁମାର ସିଂଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା କର୍ମଚାରୀମାନେ ଯୋଗ, ପ୍ରାଣାୟାମ ଓ ଧ୍ୟାନ କରିଥିଲେ ।

# ବାୟୁପ୍ରଦୂଷଣରେ ୨୦୨୧ରେ ୨୧ ଲକ୍ଷ ଭାରତୀୟଙ୍କ ମୃତ୍ୟୁ

ନୂଆଦିଲ୍ଲୀ: ବାୟୁ ପ୍ରଦୂଷଣ ଦିନକୁ ଦିନ ଭୟଙ୍କର ରୂପ ଧାରଣ କରିବାରେ ଲାଗିଛି । ଏଥିଯୋଗୁଁ ଅକାଳରେ ଅନେକ ଲୋକଙ୍କ ଜୀବନ ଚାଲିଯାଉଛି । ଅନେକ ବିକଳାଙ୍ଗ ମଧ ହୋଇ ଯାଉଛନ୍ତି । କେବଳ ୨୦୨୧ରେ ବାୟୁ ପ୍ରଦୂଷଣ ବିଶ୍ୱରେ ୮୧ ଲକ୍ଷ ଲୋକଙ୍କ ଜୀବନ ନେଇଛି । ଭାରତ ମଧ ଏଥିରୁ ବାଦ୍ ପଡ଼ି ନାହିଁ । ବାୟୁ ପ୍ରଦୂଷଣ କାରଣରୁ ଭାରତରେ ସେହି ବର୍ଷ ୨୧ ଲକ୍ଷ ଲୋକଙ୍କ ମୃତ୍ୟୁ ହୋଇଥିଲା । ସେହିପରି ଚୀନ୍‌ରେ ୨୩ଲକ୍ଷ, ପାକିସ୍ତାନରେ ୨ ଲକ୍ଷ ୫୬ ହଜାର, ବାଂଲାଦେଶରେ ୨, ୩୬, ୩୦୦, ଇଣ୍ଡୋନେସିଆରେ ୨, ୨୧, ୬୦୦, ଭିଏତନାମରେ ୯୯, ୭୦୦, ଫିଲିପାଇନ୍ସରେ ୯୮, ୨୦୯, ନାଇଜେରିଆରେ ୨,୦୬, ୭୦୦ ଏବଂ ଇଜିପ୍ଟରେ ୧, ୧୬, ୫୦୦ ଲୋକଙ୍କ ଜୀବନ ଯାଇଥିଲା । କେବଳ ଭାରତ ଏବଂ ଚୀନ୍‌ରେ ବିଶ୍ୱର ୫୪ ପ୍ରତିଶତ ମୃତ୍ୟୁ ହୋଇଥିଲା । ନିକଟରେ ଜାରି ଏକ ରିପୋର୍ଟରେ ଏହି ତଥ୍ୟ ଦିଆଯାଇଛି । ୟୁନିସେଫ୍ ଓ ଆମେରିକାର ସ୍ୱାଧୀନ ରିସର୍ଚ୍ଚ ସଂସ୍ଥା ହେଲଥ୍ ଇଫେକ୍ଟସ ଇନଷ୍ଟିଚ୍ୟୁଟ୍ ମିଳିତ ଭାବେ ଏହି ରିପୋର୍ଟ ପ୍ରକାଶ କରିଛନ୍ତି । ରିପୋର୍ଟରେ ଉଲ୍ଲେଖ ଅଛି, ୨୦୨୧ରେ ଭାରତରେ ବାୟୁ ପ୍ରଦୂଷଣ ଜନିତ ବ୍ୟାଧିରେ ୫ବର୍ଷରୁ କମ୍ ବୟସର ୧ଲକ୍ଷ ୬୯ ହଜାର ୪୦୦ ଶିଶୁଙ୍କ ଜୀବନ ଯାଇଛି । ବାୟୁ ପ୍ରଦୂଷଣ ଜନିତ ବ୍ୟାଧିରେ ୫ବର୍ଷରୁ କମ୍ ବୟସର ଶିଶୁ ନାଇଜେରିଆରେ ୧ଲକ୍ଷ ୧୪ହଜାର ୧୦୦ ଜଣ, ପାକିସ୍ତାନରେ ୬୮ହଜାର ୧୦୦ ଜଣ, ଇଥିଓପିଆରେ ୩୧ହଜାର ୧୦୦ ଜଣ ଓ ବାଂଲାଦେଶରେ ୧୯ ହଜାର ୧୦୦ ଜଣଙ୍କ ଜୀବନ ଯାଇଛି । ଦକ୍ଷିଣ ଏସିଆରେ ଉଚ୍ଚ ରକ୍ତଚାପ, ପୁଷ୍ଟିହୀନତା ଓ ତମାଖୁ ସେବନ ଜନିତ ମୃତ୍ୟୁ ସଂଖ୍ୟାଠାରୁ ବାୟୁ ପ୍ରଦୂଷଣ ଜନିତ ମୃତ୍ୟୁ ସଂଖ୍ୟା ଅଧିକ । ପିଏମ୍ ୨.୫ ପାଇଁ ଘଟୁଥିବା ବାୟୁ ପ୍ରଦୂଷଣ ଓ ଓଜନ ଛିଦ୍ର କାରଣରୁ ୨୦୨୧ରେ ପ୍ରାଣ ହରାଇଥିବା ୮୧ ଲକ୍ଷ ହେଉଛନ୍ତି ସେ ବର୍ଷ ମୃତ୍ୟୁ ଲଭିଥିବା ମୋଟ ସଂଖ୍ୟାର ପ୍ରାୟ ୧୨ ପ୍ରତିଶତ ।

## ପଦ୍ମପୁର ଓକିଲ ସଂଘ ତରଫରୁ ସାଂସଦଙ୍କୁ ସମ୍ବର୍ଦ୍ଧନା

ପଦ୍ମପୁର : ନବନିର୍ବାଚିତ ବରଗଡ଼ ଲୋକସଭା ସାଂସଦ ପ୍ରଦୀପ ପୁରୋହିତଙ୍କୁ ପଦ୍ମପୁର ଓକିଲ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ସଂଘର ସଭାପତି ଆନନ୍ଦ କୁମାର ପଣ୍ଡାଙ୍କ ସଭାପତିତ୍ୱରେ, ସଂଘର ସଭାଗୃହରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ସଂଘର ସଦସ୍ୟମାନେ ଅଞ୍ଚଳର ବିଭିନ୍ନ ବିଷୟ ସମସ୍ୟା, ଆବଶ୍ୟକତା ଉପରେ ସାଂସଦଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ବରଗଡ଼ ରୁ ନୂଆପଡ଼ା ନୂତନ ରେଳ ଲାଇନ ଭାୟା ପଦ୍ମପୁର ବିଷୟ କେନ୍ଦ୍ରୀୟ ବିଦ୍ୟାଳୟ ପଦ୍ମପୁର ଜିଲ୍ଲା ବିଷୟ ନେଇ ଆଲୋଚନା ହୋଇଥିଲା । ଅଞ୍ଚଳର ଉନ୍ନତି ପାଇଁ ସମସ୍ତ ପ୍ରକାର ପଦକ୍ଷେପ ନେବେ ବୋଲି ଶ୍ରୀ ପୁରୋହିତ କହିଥିଲେ । ସଂଘର ବରିଷ୍ଠ ସଦସ୍ୟ ରାଧାବଲ୍ଲଭ ପାଣିଗ୍ରାହୀ, ଗୌରିଆ କୁମାର ସାହୁ, ପରମେଶ୍ୱର ସାହୁ, ପ୍ରଦୀପ ଯୋଷୀ, ରାମରତନ ପୁରୋହିତ, ଆଶିଷ ମିଶ୍ର, ସୁଶାନ୍ତ ରଥ, ଅଜିତ ଶତପଥୀ, ସୁନିଲ ଦାଶ, କେଶବ ସାହୁ, ପ୍ରଦୀପ ସାହୁ, ହରିଶଙ୍କର ସିଂହ, ରାଜକିଶୋର ସାହୁ, ଶାନ୍ତନୁ ତ୍ରିପାଠୀ, ସୁଶାନ୍ତ ସାହୁ, ରୋହିତ କୁମାର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ସମ୍ପାଦକ ଚିନ୍ମୟ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ନବୀନ ପଟ୍ଟନାୟକ ବିରୋଧୀ ଦଳ ନେତା

ଭୁବନେଶ୍ୱର : ଆଗାମୀ ବିଧାନସଭାରେ ଏକ ଭିନ୍ନ ଭୂମିକାରେ ଅବତୀର୍ଣ୍ଣ ହେବେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ । ଗତ ୨୪ ବର୍ଷ ଧରି କ୍ରମାଗତ ଭାବରେ ନିର୍ବାଚିତ ହୋଇ ଆସୁଥିବା ନବୀନ ମୁଖ୍ୟମନ୍ତ୍ରୀ ଥିଲେ । ଆଗାମୀ ବିଧାନସଭାରେ ତାଙ୍କୁ ପ୍ରଥମଥର ପାଇଁ ଏକ ନୂଆ ଭୂମିକାରେ ଦେଖିବାକୁ ମିଳିବ । ବିଜେଡି ବିଧାୟକ ଦଳର ନେତା ଭାବରେ ନିର୍ବାଚିତ ହେବା ସହ ବିଧାନସଭାରେ ନବୀନ ବିରୋଧୀ ଦଳର ନେତା ଭାବରେ କାର୍ଯ୍ୟ କରିବେ । ଶଙ୍ଖ ଭବନରେ ଅନୁଷ୍ଠିତ ବିଜେଡି ବିଧାୟକ ଦଳ ବୈଠକରେ ସର୍ବସମ୍ମତିକ୍ରମେ ଦଳୀୟ ବିଧାୟକମାନେ ନବୀନଙ୍କୁ ବିରୋଧୀ ଦଳ ନେତା ଭାବରେ ନିର୍ବାଚିତ କରିଛନ୍ତି । ଦଳର ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ ବିରୋଧୀ ଦଳ ଉପନେତା ଓ ପ୍ରମିଳା ମଲ୍ଲିକ ମୁଖ୍ୟ ସଚେତକ ରୂପେ ନିର୍ବାଚିତ ହୋଇଛନ୍ତି । ବିଜେଡି ବିଧାୟକ ଦଳର ଉପମୁଖ୍ୟ ସଚେତକ ରୂପେ ପ୍ରତାପ କେଶରୀ ଦେବଙ୍କୁ ସର୍ବସମ୍ମତିକ୍ରମେ ନିର୍ବାଚିତ କରାଯାଇଛି ।

**ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା**

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନଆରବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

# ୧୦୦ ଜନସଂଖ୍ୟା ଥିବା ଗାଁକୁ ପିଚୁ ରାସ୍ତା: ମନ୍ତ୍ରୀ ରବି ନାୟକ

ଭୁବନେଶ୍ୱର : ସରକାର ଗ୍ରାମାଞ୍ଚଳର ବିକାଶକୁ ଅଧିକ ଗୁରୁତ୍ୱ ଦେଉଛନ୍ତି । ଗ୍ରାମାଞ୍ଚଳରେ ପାନୀୟଜଳ ସୁବିଧା ସହିତ ୧୦୦ ଜନସଂଖ୍ୟା ବିଶିଷ୍ଟ ଗ୍ରାମକୁ ପିଚୁ ରାସ୍ତା ତିଆରି କରାଯିବ । ରାସ୍ତା ନଥିବାରୁ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଲୋକେ ଗମନାଗମନରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ରୋଗୀଙ୍କୁ ଖଟିଆରେ ଡାକ୍ତରଖାନା ନେବାକୁ ପଡୁଛି । ରାସ୍ତା ତିଆରି ହେଲେ ଆଉ କୌଣସି ରୋଗୀ ଖଟିଆରେ ବୁହା ହେବେନି । ରୋଗୀ ଘର ନିକଟରୁ ଆମ୍ବୁଲାନ୍ସରେ ଯିବେ ବୋଲି ମନ୍ତ୍ରୀ ରବିନାରାୟଣ ନାୟକ ଏଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ୧୦୦ ଜନସଂଖ୍ୟା ବିଶିଷ୍ଟ ଗାଁକୁ ପିଚୁ ରାସ୍ତାରେ ସଂଯୋଗ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି । ଗାଁ ଗୁଡିକର ତାଲିକା ପ୍ରସ୍ତୁତ ସରିଛି । ପିଏମଜନମନ ଯୋଜନାରେ ପ୍ରିମିଟିଭ ଟ୍ରାଇବ୍ ଥିବା ଗାଁକୁ ରାସ୍ତା ହେବ । ୩୫୦ କି.ମି ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ନେଇ, ଲକ୍ଷ୍ୟ ରଖାଯାଇଛି । ପୂର୍ବ ସରକାର ସମୟରେ ବ୍ରିଜ କମ ଓ୍ୱେର ଯୋଜନାର ନୂଆ ରୂପରେଖ ତିଆରି ହୋଇଛି । ଏବେଠାରୁ ବ୍ରିଜ କମ ବ୍ୟାରେଜର ନିର୍ମାଣ ହେବ । ଏହାଦ୍ୱାରା ଚାଷୀଙ୍କୁ ପାଣି ଦିଆଯାଇ ପାରିବ । ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଓ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ହୋଇଥିବା ରାସ୍ତା ପର୍ଯ୍ୟାୟ କ୍ରମେ ଦୁଇଟିକିଆ କରାଯିବ ବୋଲି ବିଭାଗୀୟ ସମୀକ୍ଷା ପରେ ସାମ୍ବାଦିକ ସମ୍ମିଳନୀ କରି ମନ୍ତ୍ରୀ ଶ୍ରୀ ନାୟକ କହିଛନ୍ତି ।

ଖରାପ କାମ ହେଲେ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ମନ୍ତ୍ରୀ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ଚେତାବନୀ ଦେଇଛନ୍ତି । ୧୦୦ ଦିନ ଭିତରେ ୨୦୦ଟି ସେତୁ କାମ ଶେଷ ହେବା ନେଇ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା ହୋଇଛି । ଅଫିସର ଗାଁକୁ ଯାଆନ୍ତୁ ଓ ସରକାରୀ ଯୋଜନା ଠିକ ଭାବେ କାମ ହେଉଛି କି ନାହିଁ ଅନୁଧ୍ୟାନ କରିବାକୁ ସେ ନିର୍ଦ୍ଦେଶ ଦେଇଥିବା କହିଥିଲେ । ରାଜ୍ୟରେ ବେକାର ଥିବା ଅନେକ ଡିପ୍ଲୋମା ଓ ଇଞ୍ଜିନିୟରିଂ ପିଲାଙ୍କୁ ତାଲିମ ଦିଆଯାଇ କାମରେ ନିୟୋଜିତ କରାଯିବ ବୋଲି ସେ କହିଛନ୍ତି ।

**Subscription Rate of The Sweekar**

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

**Advertisement Tariff of The Sweekar**

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

# ରଙ୍ଗବତୀର ସ୍ରଷ୍ଟା ପଦ୍ମଶ୍ରୀ 'ମିତ୍ରଭାନୁ ଗ୍ରନ୍ଥାବଳୀ' ଉନ୍ମୋଚିତ



ସମ୍ବଲପୁର: ପଦ୍ମଶ୍ରୀ ସମ୍ମାନାଲାଙ୍କୃତ ବିଶ୍ୱ ପ୍ରସିଦ୍ଧ 'ରଙ୍ଗବତୀ' ଗୀତର କିମ୍ବଦନ୍ତୀ ଗୀତିକାର ମିତ୍ରଭାନୁ ଗୌନ୍ତିଆଙ୍କ ୭ଟି ଗୀତିକବିତା ଗୁଚ୍ଛକୁ ନେଇ ପ୍ରକାଶିତ 'ମିତ୍ରଭାନୁ ଗ୍ରନ୍ଥବଳୀ' ଉନ୍ମୋଚିତ ହୋଇଯାଇଛି । ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରକାଶିତ ଏହି ଗ୍ରନ୍ଥାବଳିକୁ ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର ସମ୍ପାଦନା କରିଛନ୍ତି । ଏହି ଗ୍ରନ୍ଥବଳୀରେ କବିଙ୍କ ଭଙ୍ଗାଘରେ ଚକାଜହ୍ନ,ମାଟିର୍ ସୁର୍ ମାଟିର୍ କଥା, ଚକାଜହ୍ନ ଉଦିଆଁତରା, ଲୋକ ଦର୍ପନ୍, ଘୋ ଘୋ ରାନୀ, ଘି'ସଏଲତା ଏବଂ ତାଗେ ସୁତା ମାଲେ ଫୁଲ୍ ଗୀତିକବିତା ଗୁଚ୍ଛକୁ ସଂକଳିତ କରାଯାଇଛି ।

ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅର୍କ କୁମାର ଦାସମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉନ୍ମୋଚନ ଉତ୍ସବରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର ମୁଖ୍ୟ ଅତିଥି ଏବଂ ଆଇଆଇଏମ ସମ୍ବଲପୁରର ନିର୍ଦ୍ଦେଶକ ମହାଦେଓ ଜୟସ୍ୱାଲ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ଅଧାପକ ଡକ୍ଟର ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ ଓ ଅଧାପିକା ଡ.ସଂଗୀତା ନାୟକ ପୁରୋହିତ ଉତ୍ସବକୁ ସଂଯୋଜନା କରିଥିବା ବେଳେ ବିଶ୍ୱବିଦ୍ୟାଳୟର କୁଳସଚିବ ଡକ୍ଟର ଚିତ୍ତରଞ୍ଜନ ସାହୁ, ଗ୍ରନ୍ଥାବଳିର ସମ୍ପାଦକ ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର ଓ ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ ପ୍ରମୁଖ ଉଦବୋଧନ ଦେଇଥିଲେ । ଶେଷରେ ବିଶ୍ୱବିଦ୍ୟାଳୟର ବିତ୍ତ ନିୟନ୍ତ୍ରକ ନଳିନୀ ରଞ୍ଜନ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ସାହିତ୍ୟିକଙ୍କ ସମେତ ଅନେକ ଗଣ୍ୟମାଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।






# ସ୍ୱର୍ଗତ ହର ପ୍ରସାଦ ନନ୍ଦଙ୍କ ସ୍ମୃତିରେ ଛାତ୍ରୀ ସମ୍ବର୍ଦ୍ଧିତ

ଦେବଗଡ଼: ଚିନ୍ମୟ ବିଦ୍ୟାଳୟର ପ୍ରଥମ ସଭାପତି ତଥା ଶିକ୍ଷକ ହରପ୍ରସାଦ ନନ୍ଦଙ୍କ ତୃତୀୟ ଶ୍ରାଦ୍ଧ ଦିବସ ଅବସରରେ ଶ୍ରେଷ୍ଠ ଛାତ୍ରୀଙ୍କୁ ସ୍ୱର୍ଗତ ନନ୍ଦଙ୍କ ସ୍ମୃତି ଉଦେଶ୍ୟରେ ଟ୍ରଫି ଓ ଅର୍ଥ ରାଶି ପ୍ରଦାନ କରାଯାଇ ଥିଲା । ଏହି ଅବସରରେ ସୁନାମୁଣ୍ଡା ସ୍ଥିତ ବିଦ୍ୟାଳୟ ପରିସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଅତିଥି ଭାବେ ବରିଷ୍ଠ ଏଡ଼ଭୋକେଟ ତଥା ସଦସ୍ୟ ବିଭୂତି ଗଙ୍ଗଦେବ, ଅଶୋକ କୁମାର ଦେବ ଓ ପୂର୍ବତନ ସମ୍ପାଦକ ଜୟନ୍ତ ସାହୁ ଯୋଗ ଦେଇ ସ୍ୱାମୀ ଚିନ୍ମୟା ନନ୍ଦ ସରସ୍ୱତୀ ଏବଂ ହର ପ୍ରସାଦ ନନ୍ଦଙ୍କ ଫଟୁ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ବିଦ୍ୟାଳୟ ପ୍ରତିଷ୍ଠାରେ ସ୍ୱର୍ଗତ ନନ୍ଦଙ୍କ ଅବଦାନ ଉପରେ ଆଲୋକପାତ କରିବା ସହ ସ୍ମୃତି ଚାରଣ କରିଥିଲେ । ବିଦ୍ୟାଳୟର ଅଧକ୍ଷ ସୁଜିତ ଠାକୁରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷୟତ୍ରୀ ଅନିତା ବରାଳ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ବିଦ୍ୟାଳୟର ଶିକ୍ଷକ ମୁକୁନ୍ଦ ପ୍ରସାଦ ବେହେରାଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଯୋଗ ଦେଇ ସ୍ୱର୍ଗତ ନନ୍ଦଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ପରେ ନିକଟରେ ଅନୁଷ୍ଠିତ ସିବିଏସଇ ଦଶମ ଶ୍ରେଣୀ ପରୀକ୍ଷାରେ ଚିନ୍ମୟ ବିଦ୍ୟାଳୟ ର ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀ ସୁଶ୍ରୀ ସ୍ମୃତିସ୍ମିତା ଦାଶ ଙ୍କୁ ମାନପତ୍ର ସହିତ ଅର୍ଥ ରାଶି ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇ ଥିଲା । ଏହି ଅବସରରେ ସ୍ୱର୍ଗତ ନନ୍ଦଙ୍କ ସ୍ମୃତି ଉଦେଶରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇ ଥିଲା । ଏଠାରେ ସୂଚନାଯୋଗ୍ୟ ଯେ, ଗତ ୨୦୨୨ ମସିହାଠାରୁ ବିଦ୍ୟାଳୟର ଦଶମ ଶ୍ରେଣୀର ଶ୍ରେଷ୍ଠ ଛାତ୍ରଛାତ୍ରୀ ଙ୍କୁ ସ୍ୱର୍ଗତ ହର ପ୍ରସାଦ ନନ୍ଦଙ୍କ ସ୍ମୃତି ଉଦେଶ୍ୟରେ ପ୍ରଦାନ କରାଯାଉଛି ।



# ଏମ୍‌ସିଏଲ୍ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମର ଶୁଭାରମ୍ଭ




ବୁର୍ଲା : ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ) ପକ୍ଷରୁ ସ୍ୱଚ୍ଛତା ପକ୍ଷ-୨୪ ଶୁଭାରମ୍ଭ ହୋଇଛି । ଏମସିଏଲ ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଉଦୟ ଅନନ୍ତ କାଓଲେ ସବୁଜ ପତାକା ଦେଖାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ସମସ୍ତ ଅଧିକାରୀ, କର୍ମଚାରୀମାନଙ୍କୁ ସ୍ୱଚ୍ଛତା ପ୍ରତିଶ୍ରୁତି ଓ ଅଭିଯାନକୁ ନେଇ ଆହ୍ୱାନ ଦେଇଥିଲେ । ଶ୍ରୀ କାଓଲେ ଆଖପାଖ ଅଞ୍ଚଳରେ ସ୍ୱଚ୍ଛତା ବାର୍ତ୍ତା ବିସ୍ତାର କରିବା ପାଇଁ ସ୍ୱଚ୍ଛତା ରଥର ଶୁଭାରମ୍ଭ କରିଥିଲେ । ଏହି ଅବସରରେ କାର୍ମିକ ନିର୍ଦ୍ଦେଶକ କେଶବ ରାଓ, ମୁଖ୍ୟ ସତର୍କତା ଅଧିକାରୀ ପି.କେ.ପଟେଲ, ନିର୍ଦ୍ଦେଶକ ଜେ.କେ. ବୋରା (ବୈଷୟିକ ଯୋଜନା) ବିତ୍ତ ନିର୍ଦ୍ଦେଶକ ଏ.କେ. ବେହୁରା, ନିର୍ଦ୍ଦେଶକ ଏ.ଏ.ଏସ ବାପଟ (ବୈଷୟିକ ଯୋଜନା ଓ ପରିଯୋଜନା) ଏବଂ ବିଭିନ୍ନ ବିଭାଗର ମୁଖ୍ୟ ଓ ସାଧାରଣ ପରିଚାଳକମାନେ ଉପସ୍ଥିତ ଥିଲେ । ଏହି ସ୍ୱଚ୍ଛତା ରଥ ମାଧମରେ, ପାରିପାର୍ଶ୍ୱିକ ଅଞ୍ଚଳର ଲୋକଙ୍କୁ ସେମାନଙ୍କ ପରିବେଶକୁ ପରିଷ୍କାର ରଖିବା ଏବଂ ଦୈନନ୍ଦିନ ଜୀବନରେ ପ୍ଲାଷ୍ଟିକ ଠାରୁ ଦୂରରେ ରହିବା ପାଇଁ ଏକ ପ୍ରେରଣାଦାୟକ ବାର୍ତ୍ତା ପ୍ରଚାର କରାଯାଉଛି ।

# ସମ୍ବଲପୁରରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ





ସମ୍ବଲପୁର: ଆନ୍ତର୍ଜାତୀୟ ଯୋଗ ଦିବସ ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ ଇଣ୍ଡୋର ଷ୍ଟାଡିୟମ ଠାରେ ଆୟୋଜିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ସଂପଦ ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାୟକ ଯୋଗର ମହତ୍ତ୍ୱ ଏବଂ ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ନାୟକ ଉପସ୍ଥିତ ଶିବିରାର୍ଥୀଙ୍କୁ ଶପଥ ପାଠ କରାଇଥିଲେ ।



କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟର ଛାତ୍ର -ଛାତ୍ରୀ ଏବଂ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ସମେତ ସହର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ସାମିଲ ହୋଇ ଯୋଗ ପ୍ରଶିକ୍ଷଣ ନେଇଥିଲେ, ଯୋଗ ପ୍ରଶିକ୍ଷକ ଶ୍ରୀ ପ୍ରଭୁଦତ୍ତ ବଗର୍ତ୍ତୀ ଶିବିର ପରିଚାଳନା କରିଥିଲେ । ପ୍ରାର୍ଥନା ସହିତ ଯୋଗ ଶିବିର ଆରମ୍ଭ ହୋଇଥିଲା । ଜିଲ୍ଲା କ୍ରୀଡ଼ା ଅଧିକାରୀ ରୋଜାଲିନ ତିର୍କୀଙ୍କ ସମେତ ଜିଲ୍ଲା ପ୍ରଶାସନର କର୍ମକର୍ତ୍ତା ଏଥିରେ ସହଯୋଗ କରିଥିଲେ । ପ୍ରଜାପିତା ଇଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ଭଉଣୀ କ୍ରୀଷ୍ଣା ବର୍ତ୍ତମାନ ସମୟରେ ଯୋଗର ଉପାଦେୟତା କଥା କହିଥିଲେ । ଅତିରିକ୍ତ ଜିଲ୍ଲାପାଳ ସମ୍ବଲପୁର ଶ୍ରୀ ଅଜାମ୍ବର ମହାନ୍ତି ସ୍ୱାଗତଭାଷଣ ଦେଇଥିଲେ । ଶେଷରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୁଚାରୁ ବଳ ଧନ୍ୟବାଦ ଅର୍ପଣ କରିଥିଲେ । ବିରୂପାକ୍ଷ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

# ରବି ନାୟକ ତାଙ୍କ ରାଜନୈତିକ ଗୁରୁଙ୍କୁ ଭେଟିଲେ





ସମ୍ବଲପୁର : ଗ୍ରାମ୍ୟ ଉନ୍ନୟନ ପଞ୍ଚାୟତିରାଜ ଓ ପାନୀୟ ଜଳ ସମ୍ପଦ ମନ୍ତ୍ରୀ ରବି ନାରାୟଣ ନାୟକ ସମ୍ବଲପୁର ଗସ୍ତରେ ଆସିଥିବା ବେଳେ ତାଙ୍କ ରାଜନୈତିକ ଗୁରୁ ତଥା ଆର୍.ଏସ୍.ଏସ୍‌ର ନେତା ପ୍ରଫେସର ବିପିନ ବିହାରୀ ନନ୍ଦଙ୍କ ଗୋବିନ୍ଦଟୋଳା ସ୍ଥିତ ବାସଭବନକୁ ଯାଇ ସୌଜନ୍ୟମୂଳକ ସାକ୍ଷାତ ପୂର୍ବକ ଆଶିର୍ବାଦ ଭିକ୍ଷା କରିଥିଲେ । ମନ୍ତ୍ରୀ ଶ୍ରୀ ନନ୍ଦଙ୍କ ଧର୍ମପତ୍ନୀ ଶିକ୍ଷୟତ୍ରୀ ଶ୍ରୀମତୀ କୁମ୍‌କୁମ୍ ମିଶ୍ରଙ୍କ ମଧ ଆଶିର୍ବାଦ କାମନା କରିଥିଲେ । ଏହି ସାକ୍ଷାତ ସମୟରେ ସେ ଭାବ ବିହ୍ୱଳ ହୋଇ କାନ୍ଦି ପକାଇଥିଲେ ।

Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 9437348018
e-mail: hemantamahapatra@yahoo.com Editor : Hemanta Kumar Mahapatra